RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-98 ◆WEDNESDAY ◆1 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୮ ◆ବୁଧବାର ◆୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ମଣ୍ଡପରେ ମା'** ଆଜି ମହାନବମୀ...

## ଦଶହରା ଶୁଭେଚ୍ଛା

ପବିତ୍ର ଦଶହରା ପର୍ବ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ, ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକ ବନ୍ଧୁଙ୍କୁ 'ସକାଳ' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା।

## 'ସକାଳ'ର ଛୁଟି

ପବିତ୍ର ଦଶହରା ପର୍ବ ଉପଲକ୍ଷେ ଅକ୍ଟୋବର ୧, ୨ ଓ ୩ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୫ ତାରିଖ (ରବିବାର) ପ୍ରକାଶ ପାଇବ।

*ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ*

# ଟଙ୍କା ଦିଅ, ଚାକିରି ନିଅ

## ପୁଲିସ ଏସ୍ଆଇ ପଦ ନିଲାମ, ପ୍ରାରମ୍ଭିକ ମୂଲ୍ୟ ୨୫ ଲକ୍ଷ ଟଙ୍କା

■ **ବ୍ରହ୍ମପୁର/ଭୁବନେଶ୍ୱର, ୩୦।୯ (ସମିସ):** ନିଲାମ ହୋଇଛି ପୁଲିସ ଏସ୍ଆଇ ପଦ।୨୫ ଲକ୍ଷରୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ଛିଡ଼ିଛି। ଶତାଧିକ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଛି। ବକେୟା ଅର୍ଥ ପାଇଁ ସେମାନଙ୍କର ଶିକ୍ଷାଗତ ପ୍ରମାଣପତ୍ର ବନ୍ଧକ ରଖାଯାଇଛି। ଚାକିରି ପାଇଁ ମନୋନୀତ ହେବା ପରେ ସେମାନଙ୍କଠାରୁ ବକେୟା ଅର୍ଥ ଆଦାୟ କରାଯିବ ଓ ନିଯୁକ୍ତି ଭେରିଫିକେସନ ସମୟରେ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ସର୍ତ୍ତ ରଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଦାୟିତ୍ୱ ଦେଇଛି; ସେହି ସଂସ୍ଥା ହିଁ ଏହି ପିଲାମାନଙ୍କୁ ପରୀକ୍ଷା ପାଇଁ ଅଭ୍ୟାସ କରାଇବାକୁ ହାଇଦ୍ରାବାଦ ନେଇଛି। ସିଧାସିଧା କହିଲେ ଚୋର ହାତରେ ଚାବିକାଠି ଧରାଇଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ। ଅନ୍ୟପକ୍ଷରେ କେଉଁମାନେ ପରୀକ୍ଷା ପାଇଁ ଆବେଦନ କରିଛନ୍ତି ସେ ତଥ୍ୟ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନିକଟରେ କିପରି ପହଞ୍ଚିଲା ବୋଲି ପ୍ରଶ୍ନ ଉଠିଛି ଏବଂ ଏଥିରେ ପ୍ରତ୍ୟକ୍ଷ ଭାବରେ ଓପିଆର୍‌ବିର ଭୂମିକାକୁ ▶ପୃଷ୍ଠା-୭

**ହାଇଦ୍ରାବାଦ ଯିବା ବେଳେ ଧରାପଡ଼ିଲେ ୧୧୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ**

**ବିଳମ୍ବିତ ରାତିରେ ଶ୍ରୀକାକୁଲମରୁ ୩ଟି ବସ୍ ଅଟକାଇଲା ବ୍ରହ୍ମପୁର ପୁଲିସ**

**ବ୍ରହ୍ମପୁରରେ ଏଜେଣ୍ଟ ଓ ଆଶାୟୀଙ୍କୁ କ୍ରାଇମବ୍ରାଞ୍ଚ ଡିଜିଙ୍କ ମାରାଥନ ଜେରା**

## ପରୀକ୍ଷା ପୁଣି ସ୍ଥଗିତ

■ **ଭୁବନେଶ୍ୱର, ୩୦।୯ (ସମିସ):** ଓଡ଼ିଶା ପୁଲିସ ସବ୍ ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଉଥିବା ୧୧୦ ପିଲା ଧରା ପଡ଼ିବା ପରେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ପରୀକ୍ଷାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍‌ର ଅଧ୍ୟକ୍ଷ ତଥା ଜେଲ୍ ଡ଼ିଜି ସୁଶାନ୍ତ କୁମାର ନାଥ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଏହି ପରୀକ୍ଷା ମାର୍ଚ୍ଚ ୮ ଓ ୯ ତାରିଖରେ କରିବାକୁ ଧାର୍ଯ୍ୟ ହୋଇଥିଲା। ସେତେବେଳେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଆଶାୟୀମାନେ ଅଭିଯୋଗ କରିଥିଲେ ହେଁ ପରୀକ୍ଷା ପରିଚାଳନା ▶ପୃଷ୍ଠା-୭

## ବ୍ୟବସ୍ଥିତ ବିଫଳତା: ନବୀନ

■ **ଭୁବନେଶ୍ୱର,୩୦।୯ (ସମିସ):** ରାଜ୍ୟରେ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଏଥିରେ ବଡ଼ ଦୁର୍ନୀତିର ଗନ୍ଧ ସୃଷ୍ଟି ହୋଇଛି। ଏଭଳି ଘଟଣା ପରେ ରାଜ୍ୟ ସରକାର ଏହି ପରୀକ୍ଷାକୁ ବାତିଲ କରିଛନ୍ତି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ପରୀକ୍ଷାର ବିଭ୍ରାଟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏହି ଘଟଣାକୁ ଉତ୍ଥାପନ କରି ନବୀନ ରାଜ୍ୟରେ ବିଭିନ୍ନ ପରୀକ୍ଷାରେ ହେଉଥିବା ତ୍ରୁଟି ଓ ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ▶ପୃଷ୍ଠା-୭



**ଏସ୍ଆଇ ନିଯୁକ୍ତି ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ**

## ଶାରୀରିକ ପରୀକ୍ଷାରେ ପାସ୍ କଲେ ନିଯୁକ୍ତି ପକ୍କା

■ **ଭୁବନେଶ୍ୱର, ୩୦।୯ (ସମିସ):** ଶାରୀରିକ ପରୀକ୍ଷାରେ ପାସ୍ କରିବା ପରେ ଚାକିରି ଗ୍ୟାରେଣ୍ଟି। ତେବେ ଏଥିପାଇଁ ଦେବାକୁ ହେବ ମୋଟା ଅଙ୍କର ଅର୍ଥରାଶି। ଯେଉଁ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି, ସେହି ସଂସ୍ଥା ପରୀକ୍ଷାର୍ଥୀଙ୍କୁ ପାସ୍ କରିବାକୁ ବି ଦାୟିତ୍ୱ ନେଇଥିବା ବି ଅଭିଯୋଗ ହୋଇଛି। ହାଇଦ୍ରାବାଦରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯିବାକୁ ଯୋଜନା ଫସରଫାଟିବା ପରେ ଗୋଟିଗୋଟି ରହସ୍ୟ ପଦାକୁ ଆସୁଛି।

ଅଭିଯୋଗ ଅନୁସାରେ ଲେଖିପଢ଼ି ଜାଣୁଥିବା ପିଲାଙ୍କୁ ଦଲାଲ୍‌ଙ୍କ ଜରିଆରେ ଯୋଗାଯୋଗ କରାଯାଇଛି। ସେମାନଙ୍କୁ ପ୍ରଶ୍ନପତ୍ର ଅଭ୍ୟାସ କରାଇ ଅଧିକ ନମ୍ବର ରଖିବା ପାଇଁ ବ୍ୟବସ୍ଥା ବି ହୋଇଛି । କେବଳ ଶାରିରୀକ ପରୀକ୍ଷା ପରୀକ୍ଷା (୮ ମିନିଟ୍‌ରେ ୧୬୦୦ ମିଟର୍) ଅତିକ୍ରମ କରିପାରିଲେ ଚାକିରି ସୁନିଶ୍ଚିତ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ଅଗ୍ରୀମ ନିଆଯାଇଛି। ଶାରିରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଲିଖିତ ପରୀକ୍ଷା ସହ ▶ପୃଷ୍ଠା-୭

### ବିହାର ଏସ୍ଆଇଆର୍

## ୬୯ ଲକ୍ଷ ଭୋଟର୍ ବାଦ୍

■ **ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି):** ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଶେଷ ହେବା ପରେ ଆଜି ନିର୍ବାଚନ କମିସନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏଥିରେ ପ୍ରାୟ ୬୯ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏହାସହିତ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୯୦ ଲକ୍ଷରୁ ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି। ଏସ୍ଆଇଆର ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ସଂଶୋଧନ ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟି ଦେଖାଦେଲେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଏସ୍ଆଇଆର ପ୍ରକ୍ରିୟାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସର୍ବୋଚ୍ଚ ଅଦାଲତଙ୍କ ▶ପୃଷ୍ଠା-୭

**ଯୋଡ଼ିହେଲେ ୨୧.୫ ଲକ୍ଷ ଭୋଟର**

**ଭୋଟର ସଂଖ୍ୟା ୭.୪୨ କୋଟିକୁ ଖସିଲା**




## ଚେନ୍ନାଇରେ କୋଠା ଭୁଶୁଡ଼ି ୧୦ ମୃତ


ଚେନ୍ନାଇ, ୩୦।୯: ତାମିଲନାଡୁ ରାଜଧାନୀ ଚେନ୍ନଇରେ ଆଜି ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ତେବେ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ସହିତ ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟା ବେଳେ ଏନ୍ନୋର ଥର୍ମାଲ ପାୱାର ଷ୍ଟେସନ ପରିସରରେ ଏହି ଦୁର୍ଘଟଣା ଘଟିଛି। ଭୁଶୁଡ଼ି ପଡ଼ିଥିବା କୋଠା ଭିତରେ ଏବେ ବି ଅନେକ ଲୋକ ଚାପି ହୋଇ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ଉଦ୍ଧାର କାର୍ଯ୍ୟରେ ପୁଲିସ ଓ ଦମକଳ ବାହିନୀକୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଶନିବାର ଦିନ ତାମିଲନାଡୁ କରୁରରେ ଆୟୋଜିତ ଏକ ଦଳୀୟ ରାଲିରେ ଦଳାଚକଟା ଯୋଗୁଁ ୪୧ ଜଣ ପ୍ରାଣ ହରାଇଥିଲେ।

## ପିଓକେରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ଜୋରଦାର

ଇସଲାମାବାଦ, ୩୦।୯ (ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ହିଂସାତ୍ମକ ସଂଘର୍ଷରେ ୨ ଜଣଙ୍କ ମୃତ୍ୟୁ ହେବା ପରେ ପାକିସ୍ତାନ ସରକାର ଏବଂ ସେନାର ଅତ୍ୟାଚାର ବିରୋଧରେ ଲୋକେ ଆଜି ବିକ୍ଷୋଭକୁ ଜୋରଦାର କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ପୋଲ ଉପରେ ରଖାଯାଇଥିବା କଣ୍ଟେନରଗୁଡ଼ିକୁ ନଦୀକୁ ଖସାଇ ଦେଇଛନ୍ତି। ପ୍ରଦର୍ଶନକାରୀଙ୍କୁ ରୋକିବା ପାଇଁ ସେନା ଏହି କଣ୍ଟେନରଗୁଡ଼ିକୁ ରଖିଥିଲା। ମୌଳିକ ଅଧିକାରକୁ ପ୍ରତ୍ୟାଖ୍ୟାନ କରିବା ନେଇ ଆୱାମୀ ଆକ୍ସନ୍ କମିଟି (ଏସିସି) ଚାଲିଥିବା ଏହି ବିକ୍ଷୋଭ ସମୟରେ ସୁରକ୍ଷାବାହିନୀ ସହ ଲୋକେ ମୁହାଁମୁହିଁ ହୋଇଥିଲେ। ଆଜି ଦୋକାନ, ବଜାର ଏବଂ ସ୍ଥାନୀୟ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ପରିବହନ ସେବା ମଧ୍ୟ ପ୍ରଭାବିତ ହୋଇଥିଲା।ଆଜି ପ୍ରଦର୍ଶନକାରୀମାନେ ପୁଲିସ ଉପରେ ପଥର ଫିଙ୍ଗିବା ସହିତ ପୁଣି ମୁହାଁମୁହିଁ ହୋଇଥିଲେ। ଏଥିରେ ଭୟଭୀତ ହୋଇ ସୁରକ୍ଷାକର୍ମୀ ପଛଘୁଞ୍ଚା ଦେଇଥିଲେ। ବିକ୍ଷୋଭକାରୀ ଠେଙ୍ଗାବାଡି ଏବଂ ଅସ୍ତ୍ରଶସ୍ତ୍ର ଧରି ପାକିସ୍ତାନ ବିରୋଧରେ ସ୍ଲୋଗାନ ଦେଇଥିଲେ। ୩୮ ଦାବି ପୂରଣ ପାଇଁ କହିଥିଲେ।

## ରିଆ ଚକ୍ରବର୍ତ୍ତୀଙ୍କୁ ଆଶ୍ୱସ୍ତି

ମୁମ୍ବାଇ, ୩୦।୯ (ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ଫସିଥିବା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ବମ୍ବେ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ରିଆଙ୍କୁ



ପାସପୋର୍ଟ ଫେରାଇବା ପାଇଁ କୋର୍ଟ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଶାନ୍ତଙ୍କ ମୃତ୍ୟୁ ପରେ ଏକ ଡ୍ରଗ୍ସ ମାମଲାରେ ୨୦୨୦ରେ ରିଆଙ୍କୁ ଗିରଫ କରାଯାଇଥିଲା। ପାସପୋର୍ଟ ସମର୍ପଣ କରିବା ସର୍ତ୍ତରେ ଏହି ମାମଲାରେ ତାଙ୍କୁ ଜାମିନ ମିଳିଥିଲା। ପାସ୍‌ପୋର୍ଟ ପାଇଁ ରିଆ କରିଥିବା ଆବେଦନରେ କୁହାଯାଇଥିଲା ଯେ ଏହି ସର୍ତ୍ତ ଯୋଗୁଁ ତାଙ୍କର ବହୁ କ୍ଷତି ହେଉଛି। ତାଙ୍କ କାମରେ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ତାଙ୍କୁ ଅନେକ ପ୍ରୋଜେକ୍ଟ ହରାଇବାକୁ ପଡୁଛି। ଓକିଲ କହିଥିଲେ ଯେ ରିଆ ସମସ୍ତ ଜାମିନ ସର୍ତ୍ତାବଳୀ ପାଳନ କରିଛନ୍ତି। କେବେବି କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରିନାହାନ୍ତି। ବୃତ୍ତି ପାଇଁ ତାଙ୍କୁ ସୁଟିଂ, ଅଡିସନ୍ ଏବଂ ବୈଠକ ପାଇଁ ବାରମ୍ବାର ବିଦେଶ ଯାତ୍ରା କରିବାକୁ ପଡିଥାଏ। ତେଣୁ ପାସପୋର୍ଟ ଫେରାଇବାକୁ ସେ ନିବେଦନ କରିଥିଲେ।

## ବିଜେପି ନେତା ବିଜୟ କୁମାରଙ୍କ ପରଲୋକ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ବରିଷ୍ଠ ବିଜେପି ନେତା ବିଜୟ କୁମାର ମାଲହୋତ୍ରାଙ୍କ ପରଲୋକ ହୋଇଛି। ସେ ଗତ କିଛି ଦିନ ହେଲା ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଥିଲେ। ସେ ମଙ୍ଗଳବାର ସକାଳେ ୯୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦିବଂଗତ ମାଲହୋତ୍ରା ଦିଲ୍ଲୀରୁ ପାଞ୍ଚଥର ସାଂସଦ ଏବଂ ଦୁଇଥର ବିଧାୟକ ହୋଇଥିଲେ। ସେ ୧୯୮୦ରେ ଦିଲ୍ଲୀର ପ୍ରଥମ ବିଜେପି ସଭାପତି ହୋଇଥିଲେ। ୧୯୯୯ ଲୋକସଭା ନିର୍ବାଚନରେ ସେ ଦକ୍ଷିଣ ଦିଲ୍ଲୀରୁ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ପରାସ୍ତ କରିଥିଲେ। ଜଣେ ସଚ୍ଚୋଟ ନେତା ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ରାଜନୈତିକ କ୍ୟାରିୟରରେ ତାଙ୍କ ଉପରେ କୌଣସି ଦାଗ ଲାଗି ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଅନେକ ବରିଷ୍ଠ ବିଜେପି ନେତା ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ, ୧୩ ନିହତ

ଇସଲାମାବାଦ, ୩୦।୯ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ମଙ୍ଗଳବାର ଅପରାହ୍ଣରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶ କ୍ୱେଟାର ଜରଘୁନ ରୋଡ ସ୍ଥିତ ଫ୍ରଣ୍ଟିୟର କନଷ୍ଟାବୁଲାରି (ଏଫ୍‌ସି) ମୁଖ୍ୟାଳୟ ବାହାରେ ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି।୩୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ମଡେଲ ଟାଉନରୁ ହାଲି ରୋଡ ଅଭିମୁଖେ ଯାଉଥିବା ଏକ ଗାଡ଼ିରେ ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ସାରା ଅଞ୍ଚଳକୁ ଦୋହଲାଇ ଦେଇଥିଲା। ଆଖପାଖରେ ଥିବା ଅନେକ ଘର ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିଲା। ଝରକା, କବାଟ ଭାଙ୍ଗି ଯାଇଥିଲା। ଏହା ପରେ ଅଞ୍ଚଳରେ ଗୁଳିମାଡ଼ ଶବ୍ଦ ଶୁଣା ଯାଇଥିଲା। ଏହାକୁ ନେଇ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଏହାର ସୂଚନା ପାଇ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରିଥିଲା।

ଏହି ବିସ୍ଫୋରଣର ସିସିଟିଭି ଫୁଟେଜ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ରାଜ୍ୟରେ ଏମର୍ଜେନ୍ସି ଘୋଷଣା କରାଯାଇଛି। ହସ୍ପିଟାଲଗୁଡିକୁ ସତର୍କ କରି ରଖାଯାଇଛି। କର୍ମଚାରୀ, ଡାକ୍ତରଙ୍କ ଛୁଟି ବାତିଲ କରିଦିଆଯାଇଛି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। କିନ୍ତୁ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜରଦାରୀ ଏଥିପାଇଁ ତେହରିକ-ଇ-ତାଲିବାନକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଭାରତ ପାଇଁ କାମ କରୁଥିବା ଲୋକେ ଶାନ୍ତି ଭଙ୍ଗ କରିପାରିବେ ନାହିଁ। ସୁରକ୍ଷା ବାହିନୀ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇ ଆତଙ୍କବାଦୀଙ୍କ ମନ୍ଦ ଉଦ୍ଦେଶ୍ୟକୁ ବିଫଳ କରିଦେଇଛି। ସେହିପରି ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ପରେ ସୁରକ୍ଷାବାହିନୀ ଚାରି ଆତଙ୍କବାଦୀଙ୍କୁ ନିପାତ କରିଛି ବୋଲି ସେ କହିଛନ୍ତି।



### ଦଳାଚକଟାକୁ ନେଇ ବିଜୟଙ୍କ ଅଭିଯୋଗ

## ପ୍ରତିଶୋଧ ନେଉଛନ୍ତି ଷ୍ଟାଲିନ୍





ଚେନ୍ନଇ, ୩୦।୯ (ଏଜେନ୍ସି): କରୁର ଦଳାଚକଟାର ଦୁଇ ଦିନ ପରେ ଅଭିନେତାରୁ ରାଜନେତା ପାଲଟି ଥିବା ତାମିଲଗା ଭେଟ୍ରି କଝଗମ (ଟିଭିକେ) ଦଳର ମୁଖ୍ୟ ବିଜୟ ମଙ୍ଗଳବାର ସାମ୍ନାକୁ ଆସିଛନ୍ତି। ସେ ଏକ ଭିଡିଓ ଜାରି କରି ଏହି ଅଘଟଣ ତାଙ୍କୁ ଗଭୀର ଆଘାତ ଦେଇଥିବା କହିଛନ୍ତି। ଏଭଳି ହେବାର ନ ଥିଲା। ସେ ଖୁବଶୀଘ୍ର କରୁର ଗସ୍ତରେ ଯିବେ ବୋଲି ସୂଚନା ଦେଇଛନ୍ତି। ଏହା ସହିତ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଷ୍ଟାଲିନ ପ୍ରତିଶୋଧ ନେବାକୁ ପ୍ରୟାସ କରୁଥିବା ବିଜୟ କହିଛନ୍ତି। ଆମେ କିଛି ଭୁଲ୍ କରିନାହୁଁ। ଯଦି ପ୍ରତିଶୋଧ ନେବାକୁ ଚାହୁଁଛନ୍ତି ତେବେ ଷ୍ଟାଲିନ ମୋ ପାଖକୁ ପଳାଇ ଆସନ୍ତୁ। ଘରେ କିମ୍ବା ଅଫିସରେ ମୁଁ ସାକ୍ଷାତ କରିବି। ଦଳର ପଦାଧିକାରୀଙ୍କୁ ପୁଲିସ ଗିରଫ କରୁଛି। ପଦାଧିକାରୀଙ୍କ କୌଣସି କ୍ଷତି ନ କରିବା ପାଇଁ ଷ୍ଟାଲିନଙ୍କୁ ବିଜୟ ଅନୁରୋଧ କରିଛନ୍ତି। ଖୁବଶୀଘ୍ର ସତ୍ୟ ସାମ୍ନାକୁ ଆସିଯିବ ବୋଲି କହିଛନ୍ତି। ଏହି ଅଘଟଣକୁ ନେଇ ମୁଁ ଦୁଃଖିତ। ଆମେ ରାଜନୈତିକ ଯାତ୍ରାରେ ଅଛୁ। ଏହାକୁ ନେଇ ମଜବୁତ ଏବଂ ସାହସର ସହ ଆଗକୁ ବଢିବୁ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ କରୁରର ନିର୍ବାଚନୀ ରାଲିରେ ଦଳାଚକଟା ହୋଇଥିଲା। ଏଥିରେ ୪୧ ଜଣ ପ୍ରାଣ ହରାଇଛନ୍ତି। ୫୧ ଜଣ ଆହତ ହୋଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତାମିଲନାଡୁ ପୁଲିସ ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଟିଭିକେ ଜିଲ୍ଲା ସଚିବ ଭିବି ମାଥିୟାଲଗନ, ପଦାଧିକାରୀ ପୌନରାଜ ଏବଂ ଜଣେ ସାମ୍ବାଦିକ ସାମିଲ ଅଛନ୍ତି। କୋର୍ଟ ମଙ୍ଗଳବାର ଦୁଇ ପଦାଧିକାରୀଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ସେହିପରି ଆଜି ସକାଳେ ସାମ୍ବାଦିକ ତଥା ୟୁଟ୍ୟୁବର ଫେଲିକ୍ସ ଗେରାଲ୍ଡଙ୍କୁ ଗିରଫ କରାଯାଇଛି। ସେ ମିଥ୍ୟା ପ୍ରଚାରପ୍ରସାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏ ସାଂସଦ ଆଜି କୋଏମ୍ବାଟୁରରେ ପହଞ୍ଚିଛନ୍ତି। ଏହି କମିଟିରେ ହେମା ମାଳିନୀ, ଅନୁରାଗ ଠାକୁରଙ୍କ ସମେତ ୮ ସଦସ୍ୟ ସାମିଲ ଅଛନ୍ତି। ଦଳାଚକଟାକୁ ନେଇ ଏକ ଏତଲା ରୁଜୁ କରାଯାଇଛି। କିନ୍ତୁ ବିଜୟଙ୍କ ବିରୋଧରେ ମାମଲା ରୁଜୁ ହୋଇନି। ମାତ୍ର ଅଭିନେତା ଜାଣିଶୁଣି ରାଲିରେ ବିଳମ୍ବରେ ପହଞ୍ଚିବାରୁ ଦଳାଚକଟା ହେଲା ବୋଲି କୁହାଯାଇଛି।

## ମହାରାଷ୍ଟ୍ର ସରକାରୀ ମେଣ୍ଟରେ ଫାଟ

ମୁମ୍ବଇ, ୩୦।୯ (ଏଜେନ୍ସି): ଆସନ୍ତା ବର୍ଷ ଜାନୁଆରୀ ୩୧ରେ ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଶାସକ ଏବଂ ବିରୋଧୀ ଦଳଗୁଡିକ ଜୋରସୋରରେ ଲାଗି ପଡ଼ିଛନ୍ତି। ଏପରି ସମୟରେ ସରକାରୀ ମେଣ୍ଟ ମହାୟୁତିରେ ଫାଟ ଦେଖାଯାଇଛି। ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କ ପରେ ଏନ୍‌ସିପି ମୁଖ୍ୟ ତଥା ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଆଭିମୁଖ୍ୟ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କିଏ ସର୍ବାଧିକ ଆସନରେ ଲଢିବ ତାହାକୁ ନେଇ ମେଣ୍ଟରେ ଫାଟ ଦେଖାଯାଇଛି।

ନିର୍ବାଚନକୁ ନେଇ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ରବିବାର ଦଳର ପ୍ରମୁଖ ନେତା ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେ ଆସନ ବଣ୍ଟନରେ ସମ୍ମାନଜନକ ରଣନୀତି ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ସେ ମୁମ୍ବଇ ଏବଂ ଥାନେରେ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବା ବିଷୟରେ ଆଲୋଚନା କରିଛନ୍ତି। ଅଜିତ

### ପୌର ନିର୍ବାଚନ ପୂର୍ବରୁ

ପାୱାରଙ୍କ ଏନସିପି ମଧ୍ୟ ଏଥିପାଇଁ ବୈଠକ ଜାରି ରଖିଛି। ପୁନେ ଏବଂ ଦଳ ପ୍ରଭାବରେ ଥିବା ଅନ୍ୟ କିଛି ନଗର ନିଗମରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ପାଇଁ ତାଙ୍କ ଦଳ ବିଚାର କରୁଛି। ଏନ୍‌ସିପିର କାର୍ଯ୍ୟନିର୍ବାହୀ ସଭାପତି ପ୍ରଫୁଲ ପଟେଲ କହିଛନ୍ତି ଯେ ପୌର ନିର୍ବାଚନରେ କର୍ମୀମାନେ ଲଢ଼ିବାକୁ ଚାହୁଁଛନ୍ତି। ପ୍ରମୁଖ ନିର୍ବାଚନରେ ମେଣ୍ଟ ସମ୍ଭବ। ଏହା ସତ୍ତ୍ୱେ କର୍ମୀଙ୍କ ଭାବନାକୁ ସମ୍ମାନ ଜଣାଇ ସ୍ୱାଧୀନ ଭାବେ ଲଢ଼ିବା ଭଲ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ପିମ୍ପରି ଚିଞ୍ଚୱାର୍ଡରେ ଏକ ରାଲିକୁ ସମ୍ବୋଧନ କରି ଅଜିତ ମଧ୍ୟ ଏଭଳି ଟିପ୍ପଣୀ ଦେଇଥିଲେ। ପୂର୍ବତନ ସରକାର ଏମ୍‌ଭିଏରେ ଥିବାବେଳେ ବି ସ୍ୱାଧୀନ ଭାବେ ପୌର ନିର୍ବାଚନ ଲଢିଥିଲୁ ବୋଲି କହିଥିଲେ। ତେଣୁ ଯେଉଁଠି ସମ୍ଭବ ସେଇଠି ସ୍ୱାଧୀନ ଭାବେ ଲଢ଼ିବାକୁ ପ୍ରସ୍ତୁତ ରହିବା ପାଇଁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଶିବସେନା ଏବଂ ଏନ୍‌ସିପିର ଏଭଳି ଆଭିମୁଖ୍ୟକୁ ନେଇ ବିଜେପି କି ପଦକ୍ଷେପ ନେଉଛି ତାହା ଦେଖିବା ବାକି ରହିଲା।

## ଆମେରିକା ଚାପରେ ପାକ୍ ବିରୋଧରେ ହୋଇନଥିଲା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ପି. ଚିଦମ୍ବରମ ବଡ଼ ଖୁଲାସା କରିଛନ୍ତି। ସେ ୧୭ ବର୍ଷ ପରେ ୨୬।୧୧ ମୁମ୍ବାଇ ଆକ୍ରମଣକୁ ନେଇ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଆକ୍ରମଣ ପରେ ତାଙ୍କ ମନରେ ପାକିସ୍ତାନଠାରୁ ପ୍ରତିଶୋଧ ନେବାର ଭାବନା ଆସିଥିଲା। କିନ୍ତୁ ସେତେବେଳର କଂଗ୍ରେସ ସରକାର ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲା। ଏହା ପଛରେ ଅନ୍ତର୍ଜାତୀୟ ଚାପ ରହିଥିଲା। ଆମେରିକା ସମେତ ସାରା ବିଶ୍ୱ ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଚାପ ପକାଉ ଥିଲା। କାର୍ଯ୍ୟଭାର ସମ୍ଭାଳିବାର ଦୁଇ ଦିନ ପରେ ଆମେରିକା ବୈଦେଶିକ ମନ୍ତ୍ରୀ କୋଣ୍ଡାଲିଜା ରାଇସ ଦିଲ୍ଲୀ ଆସି ତାଙ୍କୁ ଏବଂ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଭେଟି ଥିଲେ। କୌଣସି ପଦକ୍ଷେପ ନ ନେବାକୁ ଅନୁରୋଧ କରିଥିଲେ। କିନ୍ତୁ ଏ ବିଷୟରେ ସରକାର ନିଷ୍ପତ୍ତି ନେବେ ବୋଲି ଚିଦମ୍ବରମ ରାଇସଙ୍କୁ ଜଣାଇ ଥିଲେ। ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ଚିଦମ୍ବରମ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି।



### ୨୬।୧୧ ଆକ୍ରମଣକୁ ନେଇ ଚିଦମ୍ବରମଙ୍କ ଖୁଲାସା

୨୦୦୮ରେ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୧୭୫ ଜଣଙ୍କ ଜୀବନ ଯାଇଥିଲା। ୧୦ ଆତଙ୍କବାଦୀ ୬୦ ଘଣ୍ଟା ପର୍ଯ୍ୟନ୍ତ ମୁମ୍ବଇ ରାସ୍ତା, ତାଜ ହୋଟେଲ, ସିଏସଟି ରେଲୱେ ଷ୍ଟେସନ, ନରିମନ ହାଉସ ଏବଂ କାମା ହସ୍ପିଟାଲକୁ ନିଶାଣ କରି ପ୍ରବଳ ଗୁଳିଗୋଳା ମାଡ଼ କରିଥିଲେ। ଚିଦମ୍ବରମ କହିଛନ୍ତି ଯେ ସେତେବେଳେ ଆମ ଉପରେ ସାରା ବିଶ୍ୱର ଚାପ ଥିଲା। ଯୁଦ୍ଧ ନ କରିବା ପାଇଁ ଆମକୁ ବୁଝା ଯାଉଥିଲା। କିନ୍ତୁ ସେ ଏ ନେଇ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟମାନଙ୍କ ସହ ଚର୍ଚ୍ଚା କରିଥିଲେ। ଆକ୍ରମଣ ସମୟରେ ମନମୋହନ ସିଂହ ଏ ବିଷୟରେ ଆଲୋଚନା କରି ନେଇଥିଲେ। ବିଦେଶ ମନ୍ତ୍ରାଳୟ ପ୍ରତ୍ୟକ୍ଷ ଆକ୍ରମଣ କରିବାକୁ ଚାହୁଁ ନ ଥିଲା। ତେଣୁ ମନ୍ତ୍ରାଳୟର ଆଭିମୁଖ୍ୟ ଏବଂ ଚାପ ଲାଗି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲେ।

ଅନ୍ୟପକ୍ଷରେ ଚିଦମ୍ବରମଙ୍କ ଏହି ଟିପ୍ପଣୀକୁ ନେଇ ବିଜେପି ତୀବ୍ର ସମାଲୋଚନା କରିଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସାକ୍ଷାତକାରର ଏକ ଭିଡିଓ ସେୟାର କରି କହିଛନ୍ତି ଯେ ବିଦେଶୀ ଚାପରେ ପଡି ସଠିକ ଜବାବ ଦିଆଯାଇ ନ ଥିବା ସେ ନିଜେ ସ୍ୱୀକାର କରିଛନ୍ତି। ବିଜେପି ପ୍ରବକ୍ତା ଶେହଜାଦ ପୁନାୱାଲା କହିଛନ୍ତି ଯେ ମୁମ୍ବାଇ ଆକ୍ରମଣ ପରେ ଚିଦମ୍ବରମ ପଦଭାର ସମ୍ଭାଳିବାକୁ ଚାହୁଁ ନ ଥିଲେ। ସେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଥିଲେ। କିନ୍ତୁ ଅନ୍ୟମାନେ ତାଙ୍କ ଉପରେ ଭାରି ପଡ଼ି ଯାଇଥିଲେ।

## ନାବାଳକଙ୍କଠୁ ଭରଣପୋଷଣ ଦାବି ଆଇନଗତ: ହାଇକୋର୍ଟ

ଲକ୍ଷ୍ନୌ, ୩୦।୯ (ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସିଆରପିସିର ଧାରା ୧୨୫ ଏବଂ ୧୨୮ ଅନୁଯାୟୀ ଜଣେ ନାବାଳକଙ୍କ ବିରୋଧରେ ଭରଣପୋଷଣ ଦାବି କରାଯାଇପାରିବ। ବିବାହକୁ ବେଆଇନ କହି ନାବାଳକ ଏହା ଦେବାକୁ ମଧ୍ୟ ମନା କରିପାରିବେ ନାହିଁ। ବାଲ୍ୟବିବାହ ଏବଂ ନାବାଳକ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରି ବିଚାରପତି ମଦନ ପାଲ ସିଂହ ଏହି ରାୟ ଦେଇଛନ୍ତି। ସେ କହିଛନ୍ତି ଯେ ସିଆରପିସିର ଧାରା ୧୨୫ ଅନୁଯାୟୀ ଜଣେ ନାବାଳକଙ୍କ ବିରୋଧରେ ଦାଏର ଆବେଦନର ଶୁଣାଣି କରିବାରେ କୌଣସି କଟକଣା ନାହିଁ। ଏହି ମାମଲାରେ ସ୍ୱାମୀ କହିଥିଲେ ଯେ ୧୩ ବର୍ଷ ବୟସରେ ସେ ବିବାହ କରିଥିଲେ। ଦୁଇ ବର୍ଷ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସ୍ୱାମୀଙ୍କୁ ୧୬ ବର୍ଷ ହୋଇଥିବାବେଳେ ନିର୍ଯ୍ୟାତନା ଏବଂ ଯୌତୁକ ମାଗିବାରୁ ସ୍ତ୍ରୀ ଅଲଗା ହୋଇ ଯାଇଥିଲେ। ସେ ଧାରା ୧୨୫ ଅଧିନରେ ଭରଣପୋଷଣ ପାଇଁ ଦାବି ଦାଖଲ କରିଥିଲେ। ଏହି ମାମଲାରେ ପରିବାର କୋର୍ଟ ସ୍ତ୍ରୀଙ୍କ ପାଇଁ ୫,୦୦୦ ଏବଂ ଝିଅ ପାଇଁ ୪,୦୦୦ ଟଙ୍କା ମୋଟ ୯,୦୦୦ ଟଙ୍କାର ମାସିକ ଭରଣପୋଷଣ ଆଦେଶ ଦେଇଥିଲେ। ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ।

ଏହାର ଶୁଣାଣି କରି କୋର୍ଟ କହିଛନ୍ତି ଯେ ସିଆରପିସିର ଧାରା୯ ଅନୁଯାୟୀ ଅଭିଭାବକଙ୍କ ମାଧ୍ୟମରେ ନାବାଳକମାନଙ୍କ ବିରୋଧରେ ଦାବି ଆଣିବା ଆବଶ୍ୟକ ନୁହେଁ। ଧାରା ୧୨୫ ସିଆରପିସି ଅନୁଯାୟୀ ଯଦି ଜଣେ ସମ୍ବଳ ଥିବା ବ୍ୟକ୍ତି ତାଙ୍କ ସ୍ତ୍ରୀ କିମ୍ବା ପିଲାଙ୍କୁ ଭରଣପୋଷଣ ଦେବାକୁ ମନା କରନ୍ତି, ତେବେ ଜଣେ ମାଜିଷ୍ଟ୍ରେଟ୍ ତଥ୍ୟ ବିଚାର କରିବା ପରେ ଭରଣପୋଷଣ ପରିମାଣ ନିର୍ଣ୍ଣୟ କରିପାରିବେ। ଏବେ ଯଦି ନାବାଳକ ରୋଜଗାର କରୁନାହାନ୍ତି ତେବେ ୧୮ ବର୍ଷ ପରେ ତାଙ୍କୁ ସ୍ତ୍ରୀ ଏବଂ ଝିଅର ପ୍ରତିପାଳନ କରିବାକୁ ପଡିବ। ଆଉ ଏକ ମାମଲାରେ ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟର ଜଷ୍ଟିସ ରାଜୀବ ଲୋଚନ ଶୁକ୍ଲା କହିଛନ୍ତି ଯେ କେବଳ ବିବାହ ରଦ୍ଦ ହେବା କାରଣରୁ ସ୍ତ୍ରୀଙ୍କ ଭରଣପୋଷଣ ଅଧିକାର ଛଡ଼ାଇ ନିଆଯାଇପାରିବ ନାହିଁ। କୋର୍ଟରେ ବିବାହ ରଦ୍ଦ ପାଇଁ ଏକ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହା ଜାରି ରହିବ।

## ତେଲୁଗୁ ଚଳଚ୍ଚିତ୍ର ଜଗତର ୩,୭୦୦ କୋଟି କ୍ଷତି

ହାଇଦରାବାଦ, ୩୦।୯ (ଏଜେନ୍ସି): ହାଇଦରାବାଦର ସାଇବର କ୍ରାଇମ ପୁଲିସ ଏକ ହାଇ-ପ୍ରୋଫାଇଲ୍ ଫିଲ୍ମ ପାଇରାସି ର୍ୟାକେଟର ପର୍ଦ୍ଦାଫାସ କରିଛି। ସୁସଂଗଠିତ ଭାବେ ଅନେକ ରାଜ୍ୟରେ ଚାଲିଥିବା ଏହି ନେଟୱର୍କ ମାମଲାର ତଦନ୍ତ କରି ୫ ଜଣଙ୍କୁ ଗିରଫ କରିଛି। ଏହି ର୍ୟାକେଟ ଯୋଗୁଁ ତେଲୁଗୁ ଚଳଚ୍ଚିତ୍ର ଜଗତକୁ ପ୍ରାୟ ୩,୭୦୦ କୋଟି ଟଙ୍କା କ୍ଷତି ହୋଇଛି। ଏମାନେ ଚଳଚ୍ଚିତ୍ର ମୁକ୍ତିଲାଭ କରୁ କରୁ ତାହାର ନକଲ କରି ତଥା ଚୋରି କପିକୁ ବିକ୍ରି କରୁଥିଲେ। ତଦନ୍ତରୁ ଏକ ଜଟିଳ ନେଟୱାର୍କର ପର୍ଦ୍ଦାଫାସ ହୋଇଥିଲା। ଏଥିପାଇଁ ଉନ୍ନତ ସର୍ଭର ହ୍ୟାକିଂ ଏବଂ ଇନ-ଥିଏଟର କ୍ୟାମେରା-କୋର୍ଡିଂ ବ୍ୟବହାର କରୁଥିଲେ। କେବଳ କ୍ରିପ୍ଟୋକରେନ୍ସି ମାଧ୍ୟମରେ ସମସ୍ତ କାରବାର କରାଯାଉଥିଲା। ହିଟ୍ ୩, ସିଙ୍ଗଲ, କୁବେରା, ହରି ହର ଭିରା ମଲ୍ଲୁ, ଗେମ୍ ଚେଞ୍ଜର ଆଦି ଫିଲ୍ମର ପାଇରାସି କରି ୧ତାମିଲବ୍ଲାଷ୍ଟର୍ସ, ମୁଭିରୁଲଜ ଏବଂ ୧ତାମିଲ ଭଳି ୱେବସାଇଟକୁ ବିକ୍ରି କରୁଥିଲେ। ଏହି କାରବାର ବିଭିନ୍ନ ରାଜ୍ୟକୁ ବ୍ୟାପିଥିଲା। ତାମିଲନାଡୁର ସିରିଲ୍ ରାଜ୍ ଏହି ର୍ୟାକେଟର ମୁଖ୍ୟ ଥିଲା। ସେ ପାଇରେସି ସାଇଟ୍ ୧ତାମିଲବ୍ଲାଷ୍ଟର୍ସର ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲା। ସେ ବିଦେଶରୁ ସର୍ଭର ଚଳାଉଥିଲେ। ସାଇଟରେ ୨୦୨୦ରୁ ୫୦୦ରୁ ଅଧିକ ଚଳଚ୍ଚିତ୍ର ଅପଲୋଡ କରିଥିଲା। ଏହି ସମୟ ମଧ୍ୟରେ ସେ କ୍ରିପ୍ଟୋକରେନ୍ସି ମାଧ୍ୟମରେ ୨ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲା। କେବଳ ବେଟିଂ ଆପ୍‌ରୁ ମାସକୁ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିଲା। ସେହିପରି ଫିଲ୍ମର ନକଲକୁ ବିହାରର ଅଶ୍ୱିନୀ କୁମାର ୮୦୦ ଡଲାରରେ ବିକ୍ରି କରୁଥିଲା। ସେ ସିନେମା ହଲ୍‌ର କ୍ୟାମେରା ହ୍ୟାକ୍ କରୁଥିଲା।

### ଗାଜା ଯୁଦ୍ଧ ବନ୍ଦ ପାଇଁ ଆମେରିକାର ୨୦ ସୂତ୍ରୀ ପ୍ରସ୍ତାବ

## ଇସଲାମିକ ରାଷ୍ଟ୍ର ସମେତ ବିଶ୍ୱ ନେତାଙ୍କ ସମର୍ଥନ

ୱାଶିଂଟନ, ୩୦।୯ (ଏଜେନ୍ସି): ଗାଜା ଯୁଦ୍ଧକୁ ନେଇ ଇସ୍ରାଏଲର ସମସ୍ୟା ବଢ଼ିବାରେ ଲାଗିଛି। ଏହି ସଂଘର୍ଷ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱସ୍ତ ସ୍ତୁପରେ ପରିଣତ ହୋଇଯାଇଛି। ଭୟଙ୍କର ମାନବିକ ସଙ୍କଟ ସୃଷ୍ଟି ହୋଇଛି। ଲକ୍ଷାଧିକ ଲୋକେ ବିସ୍ଥାପିତ ହୋଇଛନ୍ତି। ଅନେକ ଖାଇବାକୁ ନ ପାଇ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ୬୬ ହଜାର ଲୋକଙ୍କ ମୃତ୍ୟୁ ହେଲାଣି। ଏଥିଯୋଗୁଁ ସହଯୋଗୀ ରାଷ୍ଟ୍ର ମଧ୍ୟ ଇସ୍ରାଏଲର ବିରୋଧୀ ହୋଇଯାଇଛନ୍ତି। ଏହି ଯୁଦ୍ଧ ବନ୍ଦ କରିବା ପାଇଁ ବ୍ରିଟେନ, ଫ୍ରାନ୍ସ, କାନାଡ଼ା, ଅଷ୍ଟ୍ରେଲିଆ ଭଳି ଦେଶ ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦେଇଛନ୍ତି। ଅସ୍ତ୍ରବିରତି ପାଇଁ ଇସ୍ରାଏଲ ଉପରେ ଚାପ ପକାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ବନ୍ଦ ପାଇଁ ସୋମବାର ଦେଇଥିବା ୨୦ ସୂତ୍ରୀ ଯୋଜନାକୁ



ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ୱୀକାର କରିଛନ୍ତି। ସେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହି ପ୍ରସ୍ତାବ ମାନିବା ପାଇଁ ହମାସକି ଚାରି ଦିନିଆ କଣ୍ଟ ଦିଆଯାଇଛି। ଏହାକୁ ନ ମାନିଲେ ହମାସକୁ ସମ୍ପୂର୍ଣ୍ଣ ନିପାତ ପାଇଁ ଆମେରିକା ଇସ୍ରାଏଲକୁ ସହଯୋଗ କରିବ ବୋଲି ଟ୍ରମ୍ପ କହିଛନ୍ତି।

ଅନ୍ୟପକ୍ଷରେ ଏହି ପ୍ରସ୍ତାବକୁ ନେଇ ହମାସ ଚିନ୍ତାରେ ପଡିଛି। ଏହି ନିଷ୍ପତ୍ତି ନେବା ପାଇଁ ହୋଇଥିବା ଆଲୋଚନାରେ ହମାସ ସାମିଲ ହୋଇ ନ ଥିଲା। ପୂର୍ବରୁ ଅସ୍ତ୍ରବିରତିକୁ ଏହି ଇସ୍‌ଲାମିକ ବିଦ୍ରୋହୀ ଗୋଷ୍ଠୀ ଖାରଜ କରିଦେଇଥିଲା। ଏବେ ନୂଆ ପ୍ରସ୍ତାବ ଉପରେ ହମାସ ସମୀକ୍ଷା କରୁଛି। ଆମେରିକାର ଅସ୍ତ୍ରବିରତି ପ୍ରସ୍ତାବକୁ ସାଉଦି ଆରବ, ଜୋର୍ଡାନ, ୟୁଏଇ, ଇଣ୍ଡୋନେସିଆ, ପାକିସ୍ତାନ, ତୁର୍କୀ, କାତାର, ଇଜିପ୍ଟ ସମର୍ଥନ ଦେଇଛନ୍ତି। ଏହି ଦେଶଗୁଡିକର ବୈଦେଶିକ ମନ୍ତ୍ରୀଙ୍କ ପକ୍ଷରୁ ଜାରି ମିଳିତ ବିବୃତ୍ତିରେ ଟ୍ରମ୍ପଙ୍କ ନେତୃତ୍ୱ ଏବଂ ପ୍ରୟାସକୁ ପ୍ରଶଂସା କରାଯାଇଛି। ଟ୍ରମ୍ପଙ୍କ ଘୋଷଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରି ଏହା ଇସ୍ରାଏଲ, ପାଲେଷ୍ଟାଇନ ଏବଂ ସମ୍ପୂର୍ଣ୍ଣ ପଶ୍ଚିମ ଏସିଆରେ ଶାନ୍ତି ପାଇଁ ଉପାଦେୟ ହେବ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିଛନ୍ତି। ହମାସ ପାଖରେ ଆଉ କୌଣସି ବିକଳ୍ପ ନାହିଁ। ତେଣୁ ଏହି ପ୍ରସ୍ତାବକୁ ମାନିବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ଏହା ଗାଜା ଯୁଦ୍ଧ ପାଇଁ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ କହିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଉଭୟ ପକ୍ଷଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-98 •WEDNESDAY •1 OCTOBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୮ •ବୁଧବାର •୧ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ମହାଷ୍ଟମୀରେ ଅଘଟଣ

## ନଦୀରେ ବୁଡ଼ି ମା', ଝିଅ ଓ ନାତି ମୃତ

■ **ଚିକିଟି/ଦିଗପହଣ୍ଡି, ୩୦।୯ (ସମିସ):** ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ନିକଟସ୍ଥ ମା' ରତ୍ନେଶ୍ୱରୀଙ୍କ ନବରାତ୍ରି ପୂଜା ଦେଖିବାକୁ ଆସି ବାହୁଦା ନଦୀ ପାର୍ ହେଉଥିବା ବେଳେ ଘଟିଛି ଅଘଟଣ। ନଦୀରେ ବୁଡ଼ି ମା', ଝିଅ ଓ ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, କଳିଙ୍ଗଦଳା ଗାଁର ଉଷା ବେହେରା (୫୦), ଝିଅ ଅନସୂୟା ବେହେରା (୩୫) ଏବଂ ୫ ବର୍ଷର ନାତି ଆଦିତ୍ୟ। ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ମୁତାବକ, ମହାଷ୍ଟମୀ ପୂଜା ଦେଖିବାକୁ ଦିଗପହଣ୍ଡି ବ୍ଲକ୍ ଗଡ଼ଗୋବିନ୍ଦପୁର ପଞ୍ଚାୟତର କଳିଙ୍ଗଦଳା ଗାଁରୁ ମଙ୍ଗଳବାର ସକାଳୁ ଉଷା ବେହେରା, ଝିଅ ଅନସୂୟା ବେହେରା, ନାତି ଆଦିତ୍ୟ ଓ ନାତୁଣୀକୁ ଧରି ଆସିଥିଲେ। ନବରାତ୍ରି ପୂଜା ଅବସରରେ ମା'ଙ୍କ ଦର୍ଶନ ସାରି ପ୍ରସାଦ ସେବନ କରିଥିଲେ। ଅପରାହ୍ଣରେ ପୁଣି ଗାଁକୁ ଫେରିବାକୁ ବାହୁଦା ନଦୀ ପାର୍ ହେଉଥିବା ବେଳେ ଅଘଟଣ ଘଟିଥିଲା। ନଦୀ ସ୍ରୋତରେ ୪ଜଣ ଯାକ ଭାସି ନିଖୋଜ ହୋଇଯାଇଥିଲେ। ଚିତ୍କାର ଶୁଣି ନଦୀତଟରେ ରହିଥିବା କଳିଙ୍ଗଦଳା ଗ୍ରାମବାସୀ ନଦୀରୁ ସେମାନଙ୍କୁ ଉଦ୍ଧାର କରି ବାଇକ୍ ଏବଂ ୧୦୮ ଆମ୍ବୁଲାନ୍ସରେ ଚିକିଟି ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ମା', ଝିଅ ଓ ନାତିଙ୍କୁ ମୃତ ଘୋଷଣା କରିଥିଲେ। ନାତୁଣୀର ଚିକିତ୍ସା ଚାଲିଛି।

## କୋଦାଳରେ ହାଣି ଦାଦାକୁ ହତ୍ୟା

■ **କେନ୍ଦୁଝର, ୩୦।୯ (ସମିସ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଅନ୍ତର୍ଗତ ଦୁଧପୋଷି ଗ୍ରାମରେ ଘଟିଛି ଅଘଟଣ। ରାସ୍ତାରେ ପକାଯାଉଥିବା ମାଟି ଆଣିବାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇ ଭୁଲ ବୁଝାମଣାରୁ ଦାଦାଙ୍କୁ କୋଦାଳରେ ହାଣି ହତ୍ୟା କରିଛି ପୁତୁରା। ମୃତକ ହେଲେ, ଦୁଧପୋଷି ଗାଁର ମହେଶ୍ୱର ମହାକୁଡ଼ (୫୫)। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ପୁତୁରା ଧରଣୀଧର ମହାକୁଡ଼(୨୫) ଓରଫ ସିପୁକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଘଟଣାରୁ ପ୍ରକାଶ ଯେ ଗତ ୨୨ତାରିଖ ସୋମବାର ଦୁଧପୋଷି ଗାଁ ଛକଠାରୁ ଶିମିଳିସାହି ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ପାଇଁ ଖୋଳା ଯାଉଥିବା ମାଟି ନେବାକୁ ନେଇ ଉଭୟ ଦାଦା-ପୁତୁରାଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଧରଣୀଧର ମହେଶ୍ୱରଙ୍କ ମୁଣ୍ଡକୁ ଏକ କୋଦାଳରେ ଆକ୍ରମଣ କରିଥିଲା। ପ୍ରବଳ ରକ୍ତସ୍ରାବ ହେବା ସହ ମହେଶ୍ୱର ଗୁରୁତର ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂଙ୍କଟାପନ୍ନ ହେବାରୁ କଟକ ଏସ୍‌ସିବି ମେଡିକାଲ୍ ଏବଂ ପରେ ତାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଛି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

### ଅବପାତର ରୂପ ନେବ ଲଘୁଚାପ

# ଦଶହରା ଫିଙ୍କା କରିବ ବର୍ଷା

■ **ଭୁବନେଶ୍ୱର, ୩୦।୯ (ସମିସ):** ଦଶହରାକୁ ଫିଙ୍କା କରିବ ଲଘୁଚାପ ବର୍ଷା। ଠିକ୍ ପୂଜା ମଉଜ ଦିନ ରାଜ୍ୟରେ ବର୍ଷାର ବଡ଼ ଆଶଙ୍କା ଦେଖାଦେଇଛି। ଏମତିକି, କାଁଭାଁ ଅଞ୍ଚଳକୁ ଛାଡ଼ିଦେଲେ ଦଶମୀରେ ସାରା ରାଜ୍ୟରେ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଦଶହରା ଓ ରାବଣପୋଡ଼ି ପାଇଁ ହୋଇଥିବା ଆୟୋଜନ ଫିଙ୍କା ପଡ଼ିପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ମଙ୍ଗଳବାର ସକାଳେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସନ୍ଧ୍ୟା ୬ଟା ବେଳକୁ ଲଘୁଚାପରେ ପରିଣତ ହୋଇଛି। ବୁଧବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨ ତାରିଖ ରାତି କିମ୍ବା ୩ ତାରିଖ ସକାଳ ସୁଦ୍ଧା ଏହା ଓଡ଼ିଶା ଉପକୂଳ ଅତିକ୍ରମ କରିପାରେ। ସମ୍ଭବତଃ ଏହା ପାରାଦୀପ ଓ ଗୋପାଳପୁର ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ଏହା ପ୍ରଭାବରେ ଦଶହରା ଦିନ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ବଢ଼ିଯାଇଛି। କାରଣ, ପ୍ରଥମତଃ ଏହା ଶ୍ରୀଘ ଓଡ଼ିଶା ଉପକୂଳକୁ ମୁହାଁଇବ। ଦ୍ୱିତୀୟରେ ଏହା ମଧ୍ୟ-ବାୟୁମଣ୍ଡଳ ପର୍ଯ୍ୟନ୍ତ ଲମ୍ବି ରହିଛି। କିନ୍ତୁ, ଏହା ଦକ୍ଷିଣ ଆଡ଼କୁ ଢଳି ଥିବାରୁ ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ର ଓ ଛତିଶଗଡ଼ରେ ଅଧିକ ବର୍ଷା ହେବ।

ଆକଳନ କରାଯାଉଛି ଯେ ବୁଧବାର (ନବମୀ)ରେ ରାଜ୍ୟରେ ମୁଖ୍ୟତଃ ଶୁଖିଲା ବା ବିକ୍ଷିପ୍ତ ବର୍ଷା କିମ୍ବା ହାଲୁକାରୁ ସ୍ୱଳ୍ପ ବର୍ଷା ହେବ। ଗୁରୁବାର (ଦଶମୀ) ଦିନ ସକାଳ ବେଳା ସମସ୍ତ ଉପକୂଳ ଜିଲ୍ଲା ଓ ସଂଲଗ୍ନ କେନ୍ଦ୍ରୀୟ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ (୩୦ ମିମି ପର୍ଯ୍ୟନ୍ତ) ବର୍ଷା ହୋଇପାରେ। ଉପକୂଳ ବେଳା ବର୍ଷା ବଢ଼ିବା ସହ ପ୍ରାୟ ସାରା ରାଜ୍ୟରେ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼, ବୌଦ୍ଧ, ଆଭ୍ୟନ୍ତରୀଣ ଅଞ୍ଚଳ, ଢେଙ୍କାନାଳ, ଅନୁଗୁଳ ଓ କନ୍ଧମାଳରେ ସ୍ଥାନେ ସ୍ଥାନେ ମଧ୍ୟମରୁ ଭାରୀ ବର୍ଷା ହୋଇପାରେ। ସୁନ୍ଦରଗଡ଼ ଓ ସଂଲଗ୍ନ ଅଞ୍ଚଳରେ ପାଗ ଶୁଖିଲା ରହିବା ନେଇ ପ୍ରଫେସର୍ ପଶୁପାଳକ ଆକଳନ କରିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଲଘୁଚାପ ଯୋଗୁଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହୋଇପାରେ। ତେବେ ଦଶହରା ଦିନ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ସେହିଦିନ ଗଜପତି, ରାୟଗଡ଼ା, ମାଲକାନଗିରି, କନ୍ଧମାଳରେ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହା ବ୍ୟତୀତ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ୩୫-୪୫ ଓ ଝଟ୍‌କା ପବନ ୫୫କିମି ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## ପୂର୍ଣ୍ଣଗର୍ଭା ହୀରାକୁଦ, ଖୋଲିଲା ୧୦ ଗେଟ୍

■ **ସମ୍ବଲପୁର, ୩୦।୯ (ସମିସ):** ହୀରାକୁଦ ଜଳଭଣ୍ଡାର ମଙ୍ଗଳବାର ଅପରାହ୍ନ ୩ଟା ବେଳେ ପୁଣି ପୂର୍ଣ୍ଣଗର୍ଭା ହୋଇଛି। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତରକୁ ବଜାୟ ରଖିବା ପାଇଁ ମଙ୍ଗଳବାର ଆଉ ୨ଟି ଗେଟ୍ ଖୋଲାଯାଇଛି।

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୭ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୯୯,୦୫୩ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୬୪,୪୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୦୯୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୩,୩୧୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୩୬,୪୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୭୫,୦୭୩ ଘନଫୁଟ, ଖଇରମାଳଠାରେ



୨,୬୮,୫୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୩୭,୧୩୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୦.୨୫ ମିମି ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୦.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଥିଲା।

## ନାବାଳକକୁ ହତ୍ୟା କରି ଫିଙ୍ଗିଦେଲେ


■ **ଆସିକା, ୩୦।୯ (ସମିସ):** ଆସିକା ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳି ଗାଁରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ଗାଁର ବାବୁ ବିଷୋୟୀଙ୍କ ପୁଅ ଅମର ବିଷୋୟୀ (୧୪)। ସେ ଗତ ୨୮ ତାରିଖରୁ ନିଖୋଜ ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି।


**ଗାଁରୁ ଗଳିତ ଶବ ଉଦ୍ଧାର**

ଅମର ଗତ ୨୮ ତାରିଖ ଅପରାହ୍ଣରେ ଖେଳିବାକୁ ଯାଇଥିଲା। ମାତ୍ର ସନ୍ଧ୍ୟା ସୁଦ୍ଧା ଆଉ ଘରକୁ ଫେରିନଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଘଟଣାର ୩ ଦିନ ପରେ, ଆଜି ଗାଁଠାରୁ ପ୍ରାୟ ୪ କିମି ଦୂରରେ ଜଣେ ନାବାଳକଙ୍କ ଗଳିତ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଏହା ନିଖୋଜ ଅମରଙ୍କ ଶବ ବୋଲି ସନ୍ଦେହ କରିଥିଲା। ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦେବାରୁ ସେମାନେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ସେନେଇ ତଦନ୍ତ ଚାଲିଛି। ସେ ପାଖ ଗାଁ କେନ୍ଦୁପଦର ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଗୀତ, ନାଚ ଓ ବକ୍ତୃତା ପ୍ରତିଯୋଗିତାରେ ସେ କ୍ଲାସ୍‌ରେ ପ୍ରଥମ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାରଲୋକ ଓ ସାଙ୍ଗସାଥୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅପରପକ୍ଷେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।







# ପୋଖରୀରେ ବୁଡ଼ି ନାବାଳକ ଛାତ୍ର ମୃତ

ହାଟଡ଼ିହୀ, ୩୦।୯ (ସମିସ): ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଅଧୀନସ୍ଥ ଜଳକଳଙ୍ଗ ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳିକ ଛାତ୍ରର ମୃତ୍ୟୁ ଘଟିଛି। ମୃତ ଛାତ୍ର ସାଇପ୍ରକାଶ ଜେନା (୧୩ ବର୍ଷ) ନାବାଳକ ଛାତ୍ର ଜଣକ ଜଳକଳଙ୍ଗ ଗ୍ରାମର ଏକ ଘରୋଇ ଛାତ୍ରାବାସରେ ରହି ଜମ୍ବିରା ପଞ୍ଚାୟତ ସୁନ୍ଦରାପାଳସ୍ଥିତ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିଲା। ଶାଳଣିଆଁ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ସୁଶାନ୍ତ ଜେନାଙ୍କ ପୁଅ ବୋଲି ଜଣାପଡ଼ିଛି। ଦଶହରା ଛୁଟି ସକାଶେ ଛାତ୍ର ସାଇପ୍ରକାଶ ଗତ ୪ଦିନ ତଳେ ଘରକୁ ଯାଇଥିଲେ। ଏହି ଛୁଟି ମଧ୍ୟରେ କୋଚିଂ ଚାଲୁଥିବାରୁ ପୁଅକୁ ବାପା ସୁଶାନ୍ତ ମଙ୍ଗଳବାର ସକାଳେ ହଷ୍ଟେଲରେ ଛାଡ଼ି ଯାଇଥିଲେ। ସାଇପ୍ରକାଶ ଅନ୍ୟ ୨ ସହପାଠୀଙ୍କ ମିଶି ହଷ୍ଟେଲ ଘରକୁ ଲାଗି ରହିଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପୋଖରୀ ପାଣିରେ ବୁଡ଼ି ଯାଇଥିଲା। ଅନ୍ୟ ୨ ସହପାଠୀ ସାଇପ୍ରକାଶକୁ ଉଦ୍ଧାର କରିବାକୁ ପ୍ରୟାସ କରି ବିଫଳ ହେବାରୁ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ହାଟଡ଼ିହୀ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୧ଘଣ୍ଟା ପରେ ସାଇପ୍ରକାଶକୁ ଉଦ୍ଧାର କରିଥିଲେ। ତୁରନ୍ତ ଟେକିଆଣି ନିକଟସ୍ଥ ହାଟଡ଼ିହୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡ଼ାକ୍ତରଙ୍କୁ ଦେଖାଇଥିଲେ। ଅବସ୍ଥା ଗୁରୁତର ଜାଣି ଡ଼ାକ୍ତର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସାଇପ୍ରକାଶକୁ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି। ନନ୍ଦିପଦା ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ କରାଇଛି। ଗୃହ ମାଲିକ ବସନ୍ତଙ୍କ କହିବାନୁସାରେ, ପିଲାଙ୍କ ଶୌଚ ହେବା ପାଇଁ ତାଙ୍କ ଜାଗା ପରିସର ମଧ୍ୟରେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ତେବେ, ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଜେପି ନେତା ଆଲୋକ ସେଠୀ, ବରିଷ୍ଠ ବିଜେଡି ନେତା ଗୋପାଳ ନାୟକ, ଗୌରାଙ୍ଗ ରଣା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଶିକ୍ଷାଧିକାରୀଙ୍କ ବଦଳି ନିର୍ଦ୍ଦେଶକୁ ବେଖାତିର୍

ହାଟଡ଼ିହୀ, ୩୦।୯ (ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ମୁଗୁପୁର ନୋଡାଲ ସ୍କୁଲର ଶିକ୍ଷକ ଶିବସୁନ୍ଦର ସାହୁଙ୍କ ବଦଳି ଏବଂ ବଦଳି ବାତିଲ୍ ଦାବି ନେଇ ଟଣାଓଟରା ଦେଖାଯାଇଛି। କିଛିଦିନ ପୂର୍ବରୁ ସ୍ଥାନୀୟ ଗ୍ରାମବାସୀଙ୍କ ଅନୁରୋଧକ୍ରମେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ ଶିକ୍ଷକ ଶିବସୁନ୍ଦରଙ୍କୁ ଗତ ୪ ତାରିଖରେ ଆମ୍ବୋ ନୋଡାଲ ସ୍କୁଲକୁ ବଦଳି କରିଛନ୍ତି। ୧୫ଦିନ ବିତିଥିଲେ ସୁଦ୍ଧା ଶିକ୍ଷକ ଶିବସୁନ୍ଦରଙ୍କୁ ରିଲିଭ କରା ନଯିବାରୁ କିଛି ଗ୍ରାମବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ବଦଳିକୁ ସମର୍ଥନ କରି ତୁରନ୍ତ ବଦଳି ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକ ଶିବସୁନ୍ଦରଙ୍କ ବଦଳିକୁ ସ୍ଥାନୀୟ ଗ୍ରାମର କିଛି ଲୋକ ସମର୍ଥନ କରୁଥିବା ବେଳେ ଅନ୍ୟ ଗ୍ରାମର ଗ୍ରାମବାସୀ ଏବଂ କିଛି ଅଭିଭାବକ ଏହାକୁ ବିରୋଧ କରି ହାଇସ୍କୁଲ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍କୁଲ ଭିତରକୁ ଛାଡ଼ି ନଥିଲେ। ମୁଗୁପୁର ହାଇସ୍କୁଲ ସହ ନୋଡାଲ ସ୍କୁଲଟି ମିଶ୍ରିତ ହୋଇଥିବାରୁ ନୋଡାଲ ସ୍କୁଲରେ ଶିଶୁବାଟିକାଠାରୁ ୮ଷ୍ଟମ ଶ୍ରେଣୀ ଯାଏଁ ରହିଛି। ଶିକ୍ଷୟିତ୍ରୀ ସନ୍ତୋଷିନୀ ପତି ଛୁଟିରେ ଥିବାବେଳେ ୯ଟି ଶ୍ରେଣୀ ପାଇଁ ୩ଜଣ ଶିକ୍ଷକ ଏବଂ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ହାଇସ୍କୁଲର ୯ମ ଓ ୧୦ମ ଶ୍ରେଣୀ ପାଇଁ ୬ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଜଣେ ଖେଳ ଶିକ୍ଷକ ଅଛନ୍ତି। ଶିକ୍ଷକ ଶିବସୁନ୍ଦରଙ୍କୁ ବଦଳି କରାଯାଇଥିବା ଆମ୍ବୋ ପଞ୍ଚାୟତସ୍ଥିତ ଗୋପାଳଜୀଉ ନୋଡାଲ ସ୍କୁଲରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପାଇଁ ରହିଥିବା ଜଣେ ଶିକ୍ଷୟିତ୍ରୀ ଛୁଟିରେ ଥିବାବେଳେ ଏବେ ଶିକ୍ଷକ ଲମ୍ବୋଦର ନାୟକ ହିଁ ୯ଗୋଟି ଶ୍ରେଣୀ ସମ୍ଭାଳିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୋପାଳଜୀଉ ନୋଡାଲ ହାଇସ୍କୁଲର ୯ମ ଓ ୧୦ଶ୍ରେଣୀ ପାଇଁ ୮ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି ବୋଲି ପ୍ରଧାନଶିକ୍ଷକ ପଦ୍ମନାଭ ଖମାରୀ କହିଛନ୍ତି। ସେଠାରେ ଶିକ୍ଷକ ଅଭାବକୁ ଲକ୍ଷ୍ୟ କରି ବିଇଓ ଶ୍ରୀ ଦଳେଇ ମୁଗୁପୁର ନୋଡାଲ ହାଇସ୍କୁଲରୁ ଶିକ୍ଷକ ଶିବସୁନ୍ଦରଙ୍କୁ ଆମ୍ବୋ ଗୋପାଳଜୀଉ ନୋଡାଲ ହାଇସ୍କୁଲକୁ ବଦଳି କରିଥିବା କହିଛନ୍ତି।



ଆନନ୍ଦପୁର: ଘସିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମରେ ବଳଦଯାତ୍ରା ପାଇଁ ପ୍ରସ୍ତୁତି

# ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ

ତୁରୁମୁଙ୍ଗା, ୩୦।୯ (ସମିସ): ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଯତୀନ୍ଦ୍ର ମିଶ୍ର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ନିଯୁକ୍ତ ହୋଇଛନ୍ତି। କାର୍ଯ୍ୟଭାର ଗ୍ରହଣ କରିବା ପରେ ବହୁ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।



































# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-98 ◆WEDNESDAY ◆1 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୮ ◆ବୁଧବାର ◆୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୨ ବାଇକ୍ ମୁହାଁମୁହିଁ ଧକ୍କା
# ଦୁର୍ଘଟଣାରେ ୩ ଯୁବକ ମୃତ

■ ଓଡ଼ଗାଁ, ୩୦।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ମଧ୍ୟ ଦେଇ ଯାଇଥିବା ୨୧ ନମ୍ବର ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥର ଗୋଡ଼ିପଲ୍ଲୀ ଛକ ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା କରସିଙ୍ଗ ଗ୍ରାମର ସିଲୁ ନାୟକ(୨୫)। ସିଲୁର ପିଉସୀ ପୁଅ ଭାଇ କେନ୍ଦ୍ରାପଡ଼ା ଅଞ୍ଚଳର ସନ୍ତୋଷ କୁମାର ରାଉତରାୟ (୩୫) ଏବଂ ଓଡ଼ଗାଁ ଥାନା ଚେମେଡିର ସୁରେଷ ଓରଫ୍ ମୋହନ ବାରିକ(୨୨)।

ସୂଚନାନୁସାରେ, ସନ୍ତୋଷ କୁମାର ରାଉତରାୟ ଏବଂ ସିଲୁ ଓଡ଼ଗାଁରୁ ଛେଳି ମାଂସ ନେଇ (ଓଡି ୨୯ପି୨୪୪୫) ବାଇକ୍‌ରେ କରସିଙ୍ଗ ଫେରୁଥିବା ବେଳେ ଭଞ୍ଜନଗର ପାର୍ଶ୍ୱରୁ ନିଜ ଗାଁ ଚେମେଡିକୁ ଫେରୁଥିବା ସୁରେଶ ବାରିକଙ୍କ (ଓଡି ୨୫କ୍ୟୁ ୯୨୮୫) ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ବାଇକ୍ ଦ୍ରୁତ ଗତିରେ ଥିବାରୁ ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ହୋଇଥିଲା। ଦେଖଣାହାରୀଙ୍କ କହିବା ମୁତାବକ, ପାଖାପାଖି ୧୦ ଫୁଟ୍ ଉଚ୍ଚକୁ ବାଇକ୍ ଦୁଇଟି ଉଠ ତଳେ ପଡ଼ିଥିଲା। ଓଡ଼ଗାଁ ପୁଲିସ ଏସ୍ଆଇ ଚକ୍ରଧର ସିଂ ଘଟଣାସ୍ଥଳରୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଓଡ଼ଗାଁ ପୁଲିସ ଏନେଇ ନମ୍ବର ୩୦୭/୨୫ରେ ଏକ ମାମଲା ରୁଜୁ କରି ବାଇକ୍ ଦୁଇଟିକୁ ଜବତ କରିବା ସହ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଘାତ ଲାଗି ନଥିବା ବେଳେ ହେଲମେଟ୍ ବ୍ୟବହାର କରିଥିଲେ ହୁଏତ କେହି ବଞ୍ଚି ଯାଇଥାନ୍ତେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ନାଲକୋ କାର୍ଯ୍ୟାଳୟରେ ସିବିଆଇ ଚଢ଼ଉ


■ ଚାକିରି କରାଇ ଦେବା ନାଁରେ ଠକେଇ ଅଭିଯୋଗ
■ ରିପୋର୍ଟ ତଥ୍ୟ ଆଧାରିତ ନୁହେଁ : ନାଲକୋ

■ ଭୁବନେଶ୍ୱର,୩୦।୯(ସମିସ): ଚାକିରି ଆଳରେ କୋଟି କୋଟି ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ନାଲକୋ କାର୍ଯ୍ୟାଳୟରେ ମଙ୍ଗଳବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। ଚାକିରି ଦେବା ନାଁରେ ୪କୋଟିରୁ ଅଧିକ ଠକେଇ ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ସୂଚନା ମିଳିଛି। ସିବିଆଇ ପକ୍ଷରୁ ନାଲକୋ ଅଫିସର ୨ ଜଣ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଆହୁରି ମଧ୍ୟ ଉକ୍ତ ଅଫିସରୁ ଏକାଧିକ ପିଲାଙ୍କ ସାର୍ଟିଫିକେଟ ଏବଂ ନିଯୁକ୍ତି ପତ୍ର ମିଳିଥିବା ଜଣାପଡିଛି। ପୂର୍ବରୁ ପୁଲିସ ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସିବିଆଇ ପକ୍ଷରୁ ଅଧିକ ଖୋଳତାଡ଼ କରାଯାଉଥିବା ଜଣାପଡ଼ିଛି। ସକାଳୁ ସକାଳୁ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଟିମର ଅତର୍କିତ ଚଢ଼ାଉ କରିଛି। ନାଲକୋରେ ଚାକିରି କରାଇ ଦେବା ନାଁରେ ବଡ଼ କେଲେଙ୍କାରୀ ହୋଇଥିବା ନେଇ ଅଭିଯୋଗ ପାଇବା ପରେ ଭୁବନେଶ୍ୱର ନାଲକୋ ଅଫିସରେ ପସି କାଗଜପତ୍ର ଯାଞ୍ଚ କରିଥିଲା ତଦନ୍ତକାରୀ ଟିମ୍। କିଛି କର୍ମଚାରୀଙ୍କୁ ଝାଳବୁହା ଜେରା ସହ, ବହୁତ ଗୁଡିଏ ଦସ୍ତାବିଜ ଯାଞ୍ଚ କରିଥିଲା ସିବିଆଇ। ୨୦ରୁ ଉର୍ଦ୍ଧ୍ୱରୁ ଲୋକଙ୍କୁ ଚାକିରି କରାଇ ଦେବାକୁ କହି ଜାଲ କାଗଜପତ୍ର କିମ୍ବା ଟଙ୍କା କାରବାରର ବଡ଼ ଘୋଟାଲା ହୋଇଥିବା ସନ୍ଦେହ କରୁଛି ଟିମ୍।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନାଲକୋ ପକ୍ଷରୁ କୁହାଯାଇଛି ଯେ, ନିଯୁକ୍ତି ଜାଲିଆତି ଏବଂ ନାଲକୋ ଅଧିକାରୀଙ୍କ ସମ୍ପୃକ୍ତି ସହିତ ଜଡିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟରେ ସିବିଆଇ ଦ୍ୱାରା ଚଢଉ ସମ୍ପର୍କରେ ଖବର ମଙ୍ଗଳବାର ମିଳିଛି। ସିବିଆଇ ଅଧିକାରୀମାନେ ନାଲକୋ ଅଧିକାରୀମାନଙ୍କୁ ପଚରାଉଚରା କରିଥିବା ଓ କିଛି ଦସ୍ତାବିଜ ଜବତ ହୋଇଥିବା ସଂକ୍ରାନ୍ତ ଖବର ସତ୍ୟ ଆଧାରିତ ନୁହେଁ। ଏହା ପରିସ୍ଥିତିର ଭ୍ରାମକ ଚିତ୍ର ଉପସ୍ଥାପନ କରୁଛି। ଯାହା ଜନସାଧାରଣଙ୍କୁ ଭୁଲ ସୂଚନା ଦେଇପାରେ ଏବଂ ପ୍ରତିଷ୍ଠାନ ପ୍ରତି କ୍ଷତି ପହଞ୍ଚାଇପାରେ। ନାଲକୋ ଏକ ସରକାରୀ ଉଦ୍ୟୋଗ ହୋଇଥିବାରୁ ପ୍ରକ୍ରିୟାଗୁଡ଼ିକ ସାମ୍ବିଧାନିକ ଏବଂ ବାହ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ଅଡିଟ୍ ଅଧୀନରେ ଥାଏ ଏବଂ ସିବିଆଇ ଅଧିକାରୀଙ୍କ ଗସ୍ତ ଏହାର ଏକ ଅଂଶ ଥିଲା ବୋଲି ନାଲକୋ ପକ୍ଷରୁ କୁହାଯାଇଛି।

## ନବୀନଙ୍କ ଶାରଦୀୟ ଶୁଭେଚ୍ଛା

■ ଭୁବନେଶ୍ୱର, ୩୦।୯ (ସମିସ): ରାଜ୍ୟବାସୀଙ୍କୁ ଶାରଦୀୟ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ



ବାର୍ତ୍ତାରେ ନବୀନ କହିଛନ୍ତି ଯେ ପବିତ୍ର ଦୁର୍ଗା ପୂଜା ଓ ଦଶହରା ଅବସରରେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। କରୁଣାରେ ଭରା ମା' ଦୁର୍ଗାଙ୍କ ଆଶୀର୍ବାଦ ସଭିଙ୍କ ଉପରେ ରହିଥାଉ। ଅସତ୍ୟ ଉପରେ ସତ୍ୟର ବିଜୟ ହେଉଛି, ଦଶହରାର ବାର୍ତ୍ତା। ତେଣୁ ଏହି ପବିତ୍ର ଅବସରରେ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ଲଢ଼େଇକୁ ଜୋରଦାର କରିବାକୁ ସେ ନିଜେ ଓ ରାଜ୍ୟବାସୀ ମା'ଙ୍କ ଆଶୀର୍ବାଦ କାମନା କରନ୍ତୁ ବୋଲି ନବୀନ କହିଛନ୍ତି।



କେନ୍ଦୁଝର ଜିଲ୍ଲା ଝୁମ୍ପୁରାସ୍ଥିତ ମା' ଦୁର୍ଗତିନାଶିନୀ ଯୁବସଂଘ ପୂଜା ମଣ୍ଡପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କ ସୁଖ ସମୃଦ୍ଧି କାମନା କରି ଶକ୍ତିଦାୟିନୀଙ୍କ ପୂଜାର୍ଚ୍ଚନା କରୁଛନ୍ତି


DADLS-53





ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)







ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1202/2526



DADLS-52





ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍ପାଟି)







ଗାନ୍ଧୀ ଜୟନ୍ତୀ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।


ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1198/2526

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟର ଜୀବନରେ ଦଖଲ ଦେଇ ତୁମ ଜୀବନର ମୂଲ୍ୟବାନ ସମୟ ନଷ୍ଟ କରନାହିଁ।
-ଷ୍ଟିଭ୍ ଜବ୍ସ୍

## ପୁଣି ଓଡ଼ିଶା ପ୍ରଥମ

ବିପର୍ଯ୍ୟୟ ପ୍ରଶମନଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ, ବିତ୍ତୀୟ ପରିଚାଳନା ଆଦି ଅନେକ କ୍ଷେତ୍ରରେ ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶାକୁ ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବାଗ୍ର ଆସନ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗତ ସପ୍ତାହରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୧୧-୧୨ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର ଦାରିଦ୍ର୍ୟ ହାର ୪୭.୮%ରୁ ୮.୬% କୁ ହ୍ରାସ ପାଇଛି। ଓଡ଼ିଶା ପଛକୁ ଏ କ୍ଷେତ୍ରରେ ବିହାର ରହିଛି। ତଫାତ୍ ହେଉଛି ନିରନ୍ତର କେନ୍ଦ୍ରୀୟ ସହାୟତା ଓ ଅନୁଦାନ ପାଉଥିବା ବିହାର ଦାରିଦ୍ର୍ୟ ହ୍ରାସରେ ଯେତିକି ସଫଳତା ହାସଲ କରିଛି ଅଣଏନ୍‌ଡିଏ ଶାସିତ ରାଜ୍ୟ ଭାବେ ଓଡ଼ିଶା କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇ ମଧ୍ୟ ବିହାରଠାରୁ ଅଧିକ ସଫଳ ରାଜ୍ୟ ଭାବେ ପ୍ରମାଣିତ ହୋଇଛି। ଉଲ୍ଲେଖ ନିଷ୍ପ୍ରୟୋଜନ, ଯେଉଁ ଅବଧି କଥା ଆରବିଆଇ ଉଲ୍ଲେଖ କରିଛି, ତାହା ଥିଲା ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ଶାସନାକାଳ।

କେନ୍ଦ୍ର ସରକାରଙ୍କ ପାରିବାରିକ ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣ(ଏଚ୍‌ସିଇଏସ୍)-୨୦୨୨-୨୩ ତଥ୍ୟ ଆଧାରରେ ପ୍ରସ୍ତୁତ ଆରବିଆଇର ଏହି ରିପୋର୍ଟ କହିଛି ଯେ ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶାର ସଫଳତା ଦେଶର ଯେକୌଣସି ଦେଶ ତୁଳନାରେ ସର୍ବକାଳୀନ ରେକର୍ଡ। ଅପରପକ୍ଷରେ ହିମାଚଳ ପ୍ରଦେଶରେ ସର୍ବନିମ୍ନ ଗରିବ(୦.୪%) ଥିବା ବେଳେ ୧୫ ବର୍ଷ ଧରି ବିଜେପି ଶାସିତ ଛତିଶଗଡ଼ରେ ସର୍ବାଧିକ(୨୫.୧%) ଗରିବ ରହିଛନ୍ତି। କେବଳ ସେତିକି ନୁହେଁ, ଗତ ବର୍ଷ ନିତି ଆୟୋଗ ଓ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଦେଶବ୍ୟାପୀ ବହୁମୁଖୀ ଦାରିଦ୍ର୍ୟରୁ ମୁକୁଳିବା ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପାଞ୍ଚରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ଗରିବ ରାଜ୍ୟର ଅପବାଦ ବହନ କରୁଥିବା ଏବଂ ୨୩% ଆଦିବାସୀ ଓ ୧୭% ତଫସିଲଭୁକ୍ତ ଜାତି ବସବାସ କରୁଥିବା ଓଡ଼ିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟର ଏହି ଦଶବର୍ଷର ସଫଳତାର ରିପୋର୍ଟ କାର୍ଡ କିଛି କମ୍ ଉପଲବ୍ଧି ନୁହେଁ।

ଆରବିଆଇ ରିପୋର୍ଟ ପୂର୍ବରୁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ରିପୋର୍ଟରେ ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରାଯାଇଛି। ଏହାର ମୁଖ୍ୟ ଆଧାର ଅଣକୃଷି ନିଯୁକ୍ତିରେ ଅଭିବୃଦ୍ଧି ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଲୋକଙ୍କୁ କ୍ଷୁଦ୍ର ବ୍ୟବସାୟ, ହସ୍ତଶିଳ୍ପ, ଗୋପାଳନ, କୁକୁଡ଼ା, ଛେଳି ଓ ମାଛଚାଷ, ବନୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ଯାନ୍ତ୍ରିକ ମରାମତି କାମ ଜରିଆରେ ସଫଳ ରୋଜଗାରର ପନ୍ଥା ଯୋଗାଇ ଦିଆଯାଉଛି। ବିଶେଷକରି ମହିଳାମାନଙ୍କୁ 'ମିଶନ୍ ଶକ୍ତି' ଜରିଆରେ ସ୍ୱାବଲମ୍ବୀ ହେବାର ଅନେକ ବିକଳ୍ପ ପ୍ରସ୍ତୁତ କରାଯାଇଥିଲା, ଯାହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ(ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ)ରେ ବଢ଼ିବା ସହିତ ଦାରିଦ୍ର୍ୟ ହାରରେ ହ୍ରାସ ଘଟି ଚାଲିଥିଲା।

## ଏ ପରୀକ୍ଷା କାହା ହିତରେ?

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପରିଚାଳିତ ବିଦ୍ୟାଳୟମାନଙ୍କରେ ଆସନ୍ତା ଶିକ୍ଷାବର୍ଷରୁ ନବମ ଶ୍ରେଣୀରେ ଲାଗୁ ହେବାକୁ ଯାଉଥିବା ବହି କିମ୍ବା ନୋଟ୍‌ବୁକ୍ କିମ୍ବା ସାଥୀ ବହି ଦେଖି ପରୀକ୍ଷା ଦେବା ବ୍ୟବସ୍ଥା(ଓପନ୍ ବୁକ୍ ଏକ୍‌ଜାମିନେସନ୍)ର ସୁଦୂରବିସ୍ତାରୀ କୁପ୍ରଭାବ ବିଷୟରେ ଆମେ ଏହି ସ୍ତମ୍ଭରେ କିଛିଦିନ ତଳେ ଆଲୋଚନା କରିଥିଲୁ ଏବଂ ଉଦ୍‌ବେଗ ପ୍ରକାଶ କରିଥିଲୁ। ଆଉ ଏକ ପରୀକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ଆଲୋଚନା କରି ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ଆସନ୍ତା ଶିକ୍ଷାବର୍ଷରୁ ସିବିଏସ୍‌ଇ ପରିଚାଳିତ ପ୍ରାୟ ୩୦ ହଜାର ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ଶ୍ରେଣୀରେ ଦୁଇଦୁଇଥର ପରୀକ୍ଷା ଦେବା ସୁବିଧା କାର୍ଯ୍ୟକାରୀ ହେବାକୁ ଯାଉଛି। ଏ ସମ୍ପର୍କିତ ମାର୍ଗଦର୍ଶିକା ଜାରି ହୋଇସାରିଥିବା ବେଳେ ପ୍ରଥମ ଦଫା ଫେବୃଆରୀ ୧୫ ତାରିଖରୁ-ମାର୍ଚ୍ଚ ୯ ତାରିଖ ମଧ୍ୟରେ ଏବଂ ଦ୍ୱିତୀୟ ଦଫା ମେ' ୧୫ ତାରିଖରୁ-ଜୁନ୍ ପହିଲା ମଧ୍ୟରେ ଅନୁଷ୍ଠିତ ହେବ। ଏବେ ଦଶମ ପରୀକ୍ଷାରେ ଦୁଇ ବିଷୟ ମଧ୍ୟରେ ବ୍ୟବଧାନ ଅଧିକ ରହୁଥିବା ବେଳେ ନୂଆ ପଦ୍ଧତିରେ ଏହି ଅବଧିକୁ ଗୋଟିଏ କିମ୍ବା ଦୁଇଦିନକୁ ହ୍ରାସ କରାଯିବ। ସଫଳତା ଭିତ୍ତିରେ ଏହି ପଦ୍ଧତି ଦ୍ୱାଦଶ ଶ୍ରେଣୀରେ କାର୍ଯ୍ୟକାରୀ ହେବ। ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ହୋଇଥିବା ବେଳେ ସେମାନେ ଚାହିଁଲେ ଦ୍ୱିତୀୟ ଦଫାରେ ଆଉ ଟିକେ ଭଲ କରି ନମ୍ବର ବଢ଼ାଇପାରିବେ। କିନ୍ତୁ ଏହି ସୁବିଧା ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଦୁଇଟି ଭାଷାଭିତ୍ତିକ ବିଷୟ ମଧ୍ୟରୁ କେବଳ ତିନିଟି ବିଷୟରେ ମିଳିବ।

ଜାତୀୟ ଶିକ୍ଷା ନୀତିରେ ପରୀକ୍ଷା ବୋଝ ହ୍ରାସ କରିବାକୁ ଦିଆଯାଇଥିବା ପରାମର୍ଶ ଆଧାରରେ ସିବିଏସ୍‌ଇ ଉପରୋକ୍ତ ପଦକ୍ଷେପ ନେଇଛି। ଏହାଦ୍ୱାରା କିନ୍ତୁ ଶିକ୍ଷାଗ୍ରହଣର ଗୁଣାତ୍ମକ କାର୍ଯ୍ୟକାରିତା ଏବଂ ଶିକ୍ଷାର ମୂଳ ଲକ୍ଷ୍ୟ ପରାହତ ହେବାର ଆଶଙ୍କା ଅଧିକ। ସାଧାରଣତଃ ପରୀକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନେ ବିଦ୍ୟାଳୟରେ କ'ଣ ଶିଖିଲେ, କେତେ ଶିଖିଲେ ତାହାର ମୂଲ୍ୟାୟନ ଏବଂ ପରୀକ୍ଷାର ନମ୍ବର ହେଉଛି ତାହାର ମାପକାଠି। ସେହି ମାପକାଠି ଆଧାରରେ ଉଚ୍ଚଶିକ୍ଷା ପାଇଁ ଅନୁମତି ମିଳେ। ନବମ ଶ୍ରେଣୀରୁ ଲାଗୁ ହେବାକୁ ଯାଉଥିବା ଓପନ୍ ବୁକ୍ ପରୀକ୍ଷା ପରବର୍ତ୍ତୀ ସମୟରେ ୧୦ମ ଶ୍ରେଣୀକୁ ସମ୍ପ୍ରସାରିତ ହେବାର ସମ୍ଭାବନା ଅଧିକ। ଯଦି ଜଣେ ଛାତ୍ର ବହିଦେଖି ପରୀକ୍ଷା ଦେବ, ଯାହା ପାଇଁ ପୁଣି ଥରେ ସୁଯୋଗ ପାଇବ, ତେବେ ପରୀକ୍ଷା କରାଯିବ କାହିଁକି? ଅନ୍ୟଥା ବିଦ୍ୟାଳୟର କସରତ ବଢ଼ିବା ସାର ହେବ। ବହି ଦେଖି ଦୁଇଦୁଇଥର ପରୀକ୍ଷା ଦେଇ ଭଲ ନମ୍ବର ଆଣିଥିବା ପିଲାମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦକ୍ଷତା ପ୍ରଦର୍ଶନ କରିପାରିବେ ତ? ଫିନ୍‌ଲାଣ୍ଡ ରାଷ୍ଟ୍ର ଅନୁକରଣରେ ସମ୍ପୂର୍ଣ୍ଣ ପରୀକ୍ଷାକୁ ଉଚ୍ଛେଦ କରିଦେବା ବରଂ ଭଲ ହେବ।

ଏହାପୂର୍ବରୁ ଅଷ୍ଟମ୍ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପାସ୍/ଫେଲ୍ ବ୍ୟବସ୍ଥାକୁ ପୁନଃକାର୍ଯ୍ୟକାରୀ କରିବା ପାଇଁ ସିବିଏସ୍‌ଇ ଅଧୀନସ୍ଥ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇସାରିଛି। ତା' ପରେ ନବମ ଶ୍ରେଣୀରେ ବହି ଦେଖି ଲେଖା ଏବଂ ଏବେ ଦଶମ ଶ୍ରେଣୀରେ ଦୁଇଦୁଇଥର ପରୀକ୍ଷା ସୁବିଧା ମିଳିବାକୁ ଯାଉଛି। ଏହି ପରସ୍ପର ବିରୋଧୀ ନିଷ୍ପତ୍ତିର ଭଲ-ମନ୍ଦ ବିଚାର କରିବା ଅଧିକାର ଶିକ୍ଷାବିତ୍ ଓ ଅଭିଭାବକଙ୍କର। ଆମେ କେବଳ ଦର୍ପଣର କାମ କରୁଛୁ।

# ନବୀନ ଉପସ୍ଥିତ, ବିଜେଡି ସୁରକ୍ଷିତ

ମିହିର ରାୟ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷମତାରୁ ଅପସରି ଯିବାର ପନ୍ଦର ମାସ ବିତିଗଲାଣି। କିନ୍ତୁ ଓଡ଼ିଶାର ରାଜନୈତିକ ମହଲରେ ସେ ଚର୍ଚ୍ଚାରୁ ଅପସରି ନାହାନ୍ତି। ନିଃସନ୍ଦେହରେ ନବୀନ ଏବେ ବି ଓଡ଼ିଶା ରାଜନୀତିର ସର୍ବାଧିକ ଚର୍ଚ୍ଚିତ ଚେହେରା। ନବୀନଙ୍କ ରାଜନୈତିକ ଉପଲବ୍ଧି ହେଉ ବା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ହେଉ ବା ତାଙ୍କ ଉତ୍ତରାଧିକାରୀ କିଏ ହେବ ପ୍ରସଙ୍ଗ ହେଉ, ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ନିରନ୍ତର ଚର୍ଚ୍ଚା ଲାଗି ରହିଛି। ଏହି ସମସ୍ତ ପ୍ରସଙ୍ଗ ଭିତରୁ ଗୋଟିଏ ପ୍ରସଙ୍ଗ ଆଗରେ ରହିଛି। ତାହା ହେଉଛି ନବୀନଙ୍କ ପରିଣତ ବୟସ ଏବଂ ତାଙ୍କର ରାଜନୈତିକ ଉତ୍ତରାଧିକାରୀ କିଏ ହେବ? ଯା' ଭିତରେ ଏକ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର ଏକ ଘରୋଇ ହସ୍ପିଟାଲକୁ ଯିବା ଏବଂ ସେଠାରୁ ଫେରିବା ପରେ ଆଉଥରେ ଭୁବନେଶ୍ୱରରେ ସ୍ଥିତ ଏକ ଘରୋଇ ହସ୍ପିଟାଲରେ କିଛିଦିନ ଚିକିତ୍ସିତ ହେବା ଘଟଣା ପୂର୍ବରୁ ଜାରି ରହିଥିବା ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି।

ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ କେତେବେଳେ ତାଙ୍କ ରାଜନୈତିକ ବିରୋଧୀମାନେ ପ୍ରଶ୍ନ ଉଠାଉଛନ୍ତି, ପୁଣି କେତେବେଳେ ଗଣମାଧ୍ୟମ ପ୍ରଶ୍ନ ଉଠାଉଛି। ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ଏବେ ଯେଉଁ ପ୍ରଶ୍ନ ଉଠୁଛି ତାହା ଅବଶ୍ୟ ନୂଆ ନୁହେଁ। ପ୍ରାୟ ୨୦୧୫/୧୬ ମସିହାରୁ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନେଇ ବିରୋଧୀ ପ୍ରଶ୍ନ ଉଠାଉଛନ୍ତି। କିନ୍ତୁ ନବୀନ ରାଜନୀତିରେ ରହିଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ସ୍ଥିର ରହିଛି। ଏଠାରେ ପ୍ରଶ୍ନ ଉଠେ ଯେ, ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ପ୍ରସଙ୍ଗ କରୁଛନ୍ତି କାହିଁକି? ଅନୁଶୀଳନ କଲେ ଜଣାଯାଏ, ନିର୍ବାଚନ ପାଖେଇ ଆସିଲେ ବିରୋଧୀ ଏହି ପ୍ରସଙ୍ଗ ଉଠାନ୍ତି। ନବୀନଙ୍କ ଲୋକପ୍ରିୟତା ଯୋଗୁଁ ସେ ଲଗାତର ଭାବେ ପାଞ୍ଚ ପାଞ୍ଚ ଥର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନବୀନଙ୍କୁ କ୍ଷମତା ଦୌଡ଼ରୁ ଦୂରରେ ରଖିବା ପାଇଁ ବିରୋଧୀ ତାଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଏକ ମିଛ ବ୍ୟାଖ୍ୟାନ ବୋଲି କୁହାଯାଇପାରେ।

୨୦୨୪ ନିର୍ବାଚନ ସମୟରେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀଙ୍କ ତରଫରୁ ଅନେକ ମିଛ ବ୍ୟାଖ୍ୟାନ କରା ଯାଇଥିଲା କୁହାଯାଏ। ଅନେକ ମିଛ ବ୍ୟାଖ୍ୟାନ ଭିତରୁ ନବୀନଙ୍କ ଅସୁସ୍ଥତା ଅଭିଯୋଗ ମଧ୍ୟ ଗୋଟିଏ ଥିଲା। ଯଦିଓ ନବୀନ କ୍ଷମତାରେ ନାହାନ୍ତି, ସେ ଏବେବି ରାଜ୍ୟର ସର୍ବାଧିକ ଲୋକପ୍ରିୟ ନେତା। ୨୦୨୪ ବିଧାନସଭା ନିର୍ବାଚନରେ ବିଜେଡି ବିଜେପିଠାରୁ କମ ଆସନ ପାଇଥିଲେ ମଧ୍ୟ ଅଧିକ ଭୋଟ ପାଇଥିଲା। ନବୀନଙ୍କ ଲୋକପ୍ରିୟତା ବଳରେ ୨୦୨୯ ନିର୍ବାଚନରେ ବିଜୟୀ ହେବାର ବିଜୁ ଜନତା ଦଳ କ୍ଷମତା ରଖୁଛି ବୋଲି କୌଣସି ରାଜନୈତିକ ସମୀକ୍ଷକ ଦ୍ୱିମତ ହେବେ ନାହିଁ। ତେଣୁ ବିଜେଡିକୁ କ୍ଷମତାରୁ ଦୂରରେ ରଖିବା ପାଇଁ ନବୀନଙ୍କ ଅସୁସ୍ଥତାର ପ୍ରଚାର ବିରୋଧୀଙ୍କ ପାଇଁ ଏବେବି ଗୋଟିଏ ଅସ୍ତ୍ର।

କିଛି ଗଣମାଧ୍ୟମରେ ନିକଟରେ କୁହାଯାଇଛି ଯେ, ୨୦୨୯ ବେଳକୁ ମୁଖ୍ୟମନ୍ତ୍ରୀ ପରି ଗୁରୁ ଦାୟିତ୍ୱ ତୁଲାଇବା ପାଇଁ ନବୀନଙ୍କୁ ତାଙ୍କ ସ୍ୱାସ୍ଥ୍ୟ ଅନୁମତି ଦେବନାହିଁ। ନବୀନଙ୍କୁ ଏବେ ୭୮ ବର୍ଷ। ୨୦୨୯ ନିର୍ବାଚନ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିବ। ସମ୍ବିଧାନରେ ମୁଖ୍ୟମନ୍ତ୍ରୀ ହେବା ପାଇଁ କୌଣସି ବୟସର ସୀମା ନାହିଁ। ନବୀନଙ୍କ ସ୍ୱାସ୍ଥ୍ୟ ସେତେବେଳକୁ ଖରାପ ହୋଇ ଯାଇଥିବ ବୋଲି ଏବେଠାରୁ ଆକଳନ କରିବା ଠିକ ନୁହେଁ। ଇତିହାସକୁ ଅବଲୋକନ କଲେ ଜଣାଯାଏ, ଅନେକ ବ୍ୟକ୍ତି ପରିଣତ ବୟସରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଭଳି ଗୁରୁ ଦାୟିତ୍ୱ ସଫଳତାର ସହିତ ନିର୍ବାହ କରିଛନ୍ତି। ବର୍ଷିଆନ ରାଜନେତା ପ୍ରକାଶ ସିଂ ବାଦଲ ୨୦୧୨ ମସିହାରେ ଚତୁର୍ଥ ଥର ପାଇଁ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେତେବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ସଫଳତାର ସହିତ ପାଞ୍ଚ ବର୍ଷ ଶାସନ କରିଥିଲେ। ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲା ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ସେହିପରି ୨୦୦୬ ମସିହାରେ ଏମ କରୁଣାନିଧିଙ୍କୁ ୮୨ ବର୍ଷ ହୋଇଥିଲା ବେଳେ ସେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ୮୭ ବର୍ଷ ହେବା ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସଫଳତାର ସହିତ ତୁଲାଇଥିଲେ। ୧୯୭୭ ମସିହାରେ, ମୋରାରଜୀ ଦେଶାଇଙ୍କୁ ଯେତେବେଳେ ୮୧ ବର୍ଷ ହୋଇଥିଲା ସେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ୮୩ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ। ପଶ୍ଚିମବଙ୍ଗର ବିଶିଷ୍ଟ ବାମପନ୍ଥୀ ରାଜନେତା ଜ୍ୟୋତି ବସୁ ୮୧ ବର୍ଷ ବୟସରେ ଶେଷ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ୮୬ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ।

କେବଳ ଭାରତରେ ପ୍ରାପ୍ତବୟସ୍କ ରାଜନେତାମାନେ ସଫଳତାର ସହିତ ରାଜ୍ୟ କିମ୍ବା ଦେଶର ନେତୃତ୍ୱ ନେବାର ଉଦାହରଣ ରହିଛି ତାହା ନୁହେଁ, ବରଂ ସମଗ୍ର ବିଶ୍ୱରେ ମଧ୍ୟ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳେ। ଇଂରାଜୀରେ ଗୋଟିଏ ଶବ୍ଦ ଅଛି, 'ଜେରୋନଟୋକ୍ରାସି'। ଯାହାର ଅର୍ଥ ହେଉଛି, ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ଶାସନ। ୯୨ ବର୍ଷୀୟ ପଲ ବିୟୋ ଏବେ ଆଫ୍ରିକୀୟ ରାଷ୍ଟ୍ର କାମେରୁନର ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଉଛନ୍ତି ଏବଂ ଅକ୍ଟୋବର ୨୦୨୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଜର ପ୍ରାର୍ଥିତ୍ୱ ଘୋଷଣା କରି ସାରିଛନ୍ତି। ୯୨ ବର୍ଷରେ ମହାଥିର ମହମ୍ମଦ ମାଲେୟସିଆର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ରବର୍ଟ ମୋଗବେ ୯୩ ବର୍ଷ ପର୍ଯ୍ୟନ୍ତ ଜିମ୍ବାୱେ ଦେଶର ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଆରଜିଓ ନାପୋଲିଟାନୋ ୮୧ ବର୍ଷ ବୟସରେ ଇଟାଲୀର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କୁ ୯୦ ବର୍ଷ ହେବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ। ଜିନ-ଲୁସିଏନ ସାଭିଦେ ତୋଭେଙ୍କୁ ଏବେ ୮୬ ବର୍ଷ ହୋଇଥିବା ବେଳେ ନିକଟରେ ଅର୍ଥାତ ମେ' ୨୦୨୫ରେ ସେ ଟୋଗୋ ରାଷ୍ଟ୍ରର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କୁ ୭୯ ବର୍ଷ ହୋଇଥିବା ବେଳେ ସେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ତାଙ୍କୁ ୮୩ ବର୍ଷ ହେଲା ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିବେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ୭୮ ବର୍ଷରେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୮୨ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ।

ଏହିପରି ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଭାବେ ପ୍ରାପ୍ତବୟସ୍କମାନେ ବିଶେଷକରି ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ଦାୟିତ୍ୱ ଗ୍ରହଣ କରିବା ତାଲିକା ଖୁବ ଲମ୍ବା। ଏପରିକି ନବେରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଅନେକ ସ୍ଥାନରେ ରାଷ୍ଟ୍ରମୁଖ୍ୟର ଗୁରୁ ଦାୟିତ୍ୱ ତୁଲାଇଛନ୍ତି। ଏଥିରୁ ଏହା ପ୍ରତୀୟମାନ ହେଉଛି ଯେ ଶାସନମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ପାଇଁ ବୟସ ପ୍ରତିବନ୍ଧକ ନୁହେଁ। ତେଣୁ ୨୦୨୯ ମସିହାର ନିର୍ବାଚନ ବେଳକୁ ନବୀନ ବିଜୁ ଜନତା ଦଳକୁ ନେତୃତ୍ୱ ନେଇପାରିବେ ନାହିଁ ଯୁକ୍ତି ଗ୍ରହଣୀୟ ନୁହେଁ। ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ କରାଯାଉଛି, ତାହା ମଧ୍ୟ ଅନାବଶ୍ୟକ। ନିକଟରେ ମୁମ୍ବାଇରେ ସର୍ଜରୀ ହେବା ପରେ ସେଠାକାର ଡାକ୍ତରଙ୍କ ମତ ଅନୁସାରେ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ୱାଭାବିକ ରହିଛି।

ନବୀନ ପଟ୍ଟନାୟକ ହେଉଛନ୍ତି ବିଜୁ ଜନତା ଦଳର ପୁଞ୍ଜି। ବିଜୁ ଜନତା ଦଳର ବିରୋଧୀମାନେ ବେଶ ଭଲ ଭାବରେ ଜାଣନ୍ତି ଯେ ରାଜନୀତି ମୈଦାନରେ ନବୀନଙ୍କ ଉପସ୍ଥିତି, ସେମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ସଦୃଶ। ନବୀନ ଉପସ୍ଥିତ ଅଛନ୍ତି ମାନେ ବିଜେଡି ସୁରକ୍ଷିତ ଅଛି ବୋଲି ଧରି ନେବାକୁ ହେବ। ତେଣୁ ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ମାନେ ପ୍ରଶ୍ନ ଉଠାଇବା ଏବଂ ବିଭିନ୍ନ ନ୍ୟାରେଟିଭ କରିବା ସ୍ୱାଭାବିକ। କିନ୍ତୁ ବିଜୁ ଜନତା ଦଳ ପାଇଁ ନବୀନଙ୍କ ନେତୃତ୍ୱ ଅପରିହାର୍ଯ୍ୟ।

ଭୁବନେଶ୍ୱର, ମୋ: ୮୨୪୯୮୨୨୫୦୯

# ହସ ତଳର ଲୁହ

ରାଜୀବ ଗୋପାଳ ସ୍ୱାଇଁ



ଜୀବନ ଭାରି ବୈଚିତ୍ର୍ୟମୟୀ। କେତେ ରଙ୍ଗ କେତେ ରୂପ ନେଇ ସେ ମଣିଷକୁ କେତେବେଳେ ପ୍ରଲୋଭିତ କରେ ତ କେତେବେଳେ କରାଏ ଭୟଭୀତ। ଯେଉଁ ମଣିଷ ସେହି ବିଚିତ୍ରତା ଭିତରେ ନିଜକୁ ନିୟନ୍ତ୍ରଣ କରି ଆଗକୁ ବଢ଼େ ସେ ସେତେ ସଫଳ ହୁଏ। ଆମ ଜୀବନ ଭିତରେ ଅନେକ ଚରିତ୍ର ଆମ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିଥା'ନ୍ତି। ସେମାନଙ୍କ ସାମାନ୍ୟ ଅଣଦେଖାରେ, ଆମ ଜୀବନ ହୋଇପାରେ ନର୍କ ତୁଲ୍ୟ ଅନ୍ଧକାରାଚ୍ଛନ୍ନ। ଆମେ ସେହି କଥାକୁ ଭୁଲିଯିବା ଉଚିତ୍ ନୁହେଁ ଯେ ଆଘାତ ସବୁବେଳେ କିଛିନା କିଛି ନଷ୍ଟ କରେ ଆଉ ଯତ୍ନଶୀଳତା ଆମକୁ ଛଳଛଳ ଓ ପ୍ରଗତିଶୀଳ କରାଏ। ଏତିକିବେଳେ ସେହି ଚରିତ୍ରମାନେ ଆମକୁ କେଉଁ ପରିସ୍ଥିତିରେ କେମିତି ପ୍ରଭାବିତ କରିଥା'ନ୍ତି ତାହା ହିଁ ଥାଏ ମୁଖ୍ୟ କଥା।

ମାଆଟିଏର ମନ ସବୁବେଳେ ତା' ପିଲାମାନଙ୍କ ପାଇଁ ଓ ତା'ପରିବାର ପାଇଁ ବ୍ୟାକୁଳ ଥାଏ। ସେହି ମାଆର ଏକାନ୍ତରେ ଝରୁଥିବା ଲୁହ କେବେ ବି ସାମ୍ନାକୁ ଆସେନି। ଅନ୍ତରର ଦୁଃଖ ଓ ଲୁହକୁ ଲୁଚାଇ ଲୁଚାଇ ପିଇପିଇ, ସେ'ନିଜ ଓଠରେ ଫୁଟାଇଥାଏ ଶାଶ୍ୱତ ହସଟିଏ। ସେହିପରି ବାପା ବି କମ୍ ନୁହନ୍ତି। ପରିବାରର ସବୁ ସଦସ୍ୟଙ୍କ ଦୁଃଖର ଭାଗକୁ ନିଜର କରି ସେ ମନର କୋହକୁ ମନରେ ମାରିଦେଲା ବେଳେ ତାଙ୍କ ମୁହଁରେ କୌଣସି ଶଙ୍କା ନଥାଏ। ନ୍ୟାୟାଳୟର ବିଚାରପତି ବି ଜଣେ ସାଧାରଣ ମଣିଷ, ଯିଏ ଅନ୍ୟମାନଙ୍କ ପରି ମାନବୀୟ ସମ୍ବେଦନଶୀଳତାରେ ପରିପୂର୍ଣ୍ଣ। ତଥାପି ଅପରାଧୀକୁ ଦଣ୍ଡ ଶୁଣାଇବା ବେଳେ ସେ ନିଜ ମନର ଭାବକୁ ଗୋପନ ରଖନ୍ତି, ନିଜ ଭାବନାରେ ନିୟନ୍ତ୍ରଣ ଆଣିଥା'ନ୍ତି। ରୋଗୀକୁ ଚିକିତ୍ସା କଲା ସମୟରେ ଡାକ୍ତର ରଖିଥା'ନ୍ତି ଅଦ୍ଭୁତ ଆତ୍ମନିୟନ୍ତ୍ରଣ। ସେ ରୋଗୀର ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇ ନ ଥା'ନ୍ତି। ଅନେକ କିଛି ଜାଣି ବି ରୋଗୀ କିମ୍ବା ତା'ପରିବାରକୁ ଆଶ୍ୱସନା ହିଁ ଦେଇଥା'ନ୍ତି। ନିଜର ବ୍ୟକ୍ତିଗତ କି ସାମାଜିକ ସମସ୍ୟା, ଦୁଃଖ, ଶୋକ ସତ୍ତ୍ୱେ ହାସ୍ୟ ଅଭିନେତାଟିଏ ତା'ମନର ବେଦନାକୁ ସାମ୍ନାକୁ ଆସିବାକୁ ଦିଏ ନାହିଁ। ଅନେକଙ୍କ ଓଠରେ ହସ ଆଣିବାକୁ ସେ ନିଜ ଭିତରର ଲୁହ, କୋହ, ବିବ୍ରତପଣ, ବିଚଳିତ ଭାବକୁ ଅନ୍ତରରେ ଚାପି ହାସ୍ୟରସ ପରିବେଷଣ କରିଥାଏ। ମଞ୍ଚ ଉପରେ ଥିବା ଯାଏଁ ସେ ଅନ୍ୟମାନଙ୍କୁ ତା' ଦୁଃଖକୁ ତିଳେମାତ୍ର ଜାଣିବାର ସୁଯୋଗ ଦେଇ ନଥାଏ। ସୈନିକଟିଏ ପରିବାରର ସ୍ନେହ, ପ୍ରେମ, ବନ୍ଧନକୁ ପଛକରି ଲୁହ ଓ ଦୁଃଖକୁ ଛପାଇ ରଖି, ଦେଶମାତୃକାର ରକ୍ଷା ପାଇଁ ଦୂରକୁ ଯାଏ। ପୁଣି ଶତ୍ରୁ ସାମ୍ନାରେ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ପଥର ଚଟାଣ ପରି ଜମି ରହେ। ସେହିପରି ଶିଳ୍ପୀ ପାଖରେ ଥାଏ ଅଦ୍ଭୁତ ଆତ୍ମନିୟନ୍ତ୍ରଣ। ସେ' ନିଜ ଭାଗର ଅନେକାଂଶ ନିଜ ଶିଳ୍ପ ଭାସ୍କର୍ଯ୍ୟରେ ନିୟୋଜିତ କରିଥା'ନ୍ତି। ବୋଧହୁଏ ଏହା ବିନା କାରିଗରର ସ୍ୱପ୍ନ ସାକାର ହେବା ସମ୍ଭବ ନୁହେଁ। ବାରଶ ବଢ଼େଇ ଏକାଗ୍ର ଚିତ୍ତରେ କାମ କରି ନ ଥିଲେ କି ଘର ଠୁଁ ଦୂରରେ ଥାଇ ବିରହ ଯନ୍ତ୍ରଣାର ନୀଳ ଜହର ପିଇ ନ ଥିଲେ, ସତରେ କ'ଣ କୋଣାର୍କ ପରି କାଳଜୟୀ ଶିଳ୍ପକଳା ଠିଆ ହୋଇଥା'ନ୍ତା!

ସମାଜର ଏହି ବିବିଧ ବୈଚିତ୍ର୍ୟମୟ ସଂଗୋପିତ ଲୁହ ଓ କୋହ ସମ୍ପର୍କରେ ଆଲୋଚନା କଲେ, ତାହା ଶେଷ ହେବ ନାହିଁ। କାରଣ ସଂସାରର ଗତିଶୀଳତା ଓ ଅସ୍ତିତ୍ୱ ଏହିପରି ମହାନ ତ୍ୟାଗ, ଅନୁକମ୍ପା, ପ୍ରେମ, ବାତ୍ସଲ୍ୟ ପରି ମହନୀୟ ପରମ୍ପରାରେ ହିଁ ନିହିତ ରହିଛି। ଅନେକ କଥାରେ ସମ୍ବେଦନଶୀଳ ମଣିଷ ନିଜ ଅବସ୍ଥାକୁ ପଛକୁ ଠେଲି ଏବଂ ଦୁଃଖ, ଶୋକକୁ ମନରେ ଲୁଚାଇ କର୍ମ କରିଥାଏ। ନିଜର କର୍ତ୍ତବ୍ୟ ଉପରେ ଯତ୍ନଶୀଳ ହୋଇଥାଏ। ଆପଣାର ମଣିଷ, ସମାଜ କିମ୍ବା ଦେଶର ଭଲ ପାଇଁ ତା'ର ଥାଏ ପ୍ରାଥମିକତା। ଏମିତି କରିବାରେ ଯେଉଁ ବ୍ୟକ୍ତି ଯେତେ ନିପୁଣ ହୋଇଥା'ନ୍ତି, ସେ ସେତେ ଗ୍ରହଣୀୟ ଓ ଆଦର ଲାଭ କରନ୍ତି। ତାଙ୍କୁ ସମସ୍ତେ କହନ୍ତି ସ୍ଥିତପ୍ରଜ୍ଞ। ଏପରି ବ୍ୟକ୍ତି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜର, ନିଜ ପରିବାରର ଏବଂ ସମାଜର ମଙ୍ଗଳ ହିଁ କରିଥାଏ। ଅପରପକ୍ଷେ ଏପରି ଅନେକ ଲୋକ ଥା'ନ୍ତି, ଯେଉଁମାନେ ନିଜର ଭାବନା ଉପରେ ଆଦୌ ନିୟନ୍ତ୍ରଣ ରଖିପାରନ୍ତି ନାହିଁ। ସେମାନେ ନିଜର ପ୍ରତିକ୍ରିୟାକୁ ତୁରନ୍ତ ଭିନ୍ନଭିନ୍ନ ଢଙ୍ଗରେ ପ୍ରକାଶ କରିଥା'ନ୍ତି। ଅନେକ ସମୟରେ ଏୟା ହୁଏ ଯେ, ଯାହା ପାଇଁ ସେହି ପ୍ରତିକ୍ରିୟା ରହିଥାଏ ସେ ବ୍ୟକ୍ତି ବା ବ୍ୟକ୍ତିସମୂହ ସେଥିରେ ଆଘାତ ପାଇଥା'ନ୍ତି କିମ୍ବା ପ୍ରତିକ୍ରିୟାଶୀଳ ରହିଥା'ନ୍ତି। ସେହି ସମୟରେ ମଣିଷ କ୍ରୋଧର ବଶବର୍ତ୍ତୀ ରହିଥାଏ। ତେଣୁ ଦୁଇ ବିରୋଧୀ ପକ୍ଷ ସାମ୍ନାସାମ୍ନି ହେଲେ ଅଘଟଣ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ।

ଅନ୍ତରର ଦୁଃଖ ଦରଦୀ ମଣିଷ ଆଗରେ ପ୍ରକାଶ କରିଦେଲେ ମନ ହାଲୁକା ହୋଇଯାଏ। ବେଳେବେଳେ ସେହି କହିବା ପ୍ରକ୍ରିୟା ଭିତରେ ହିଁ ମନ ଭିତରେ ଆସିଥାଏ ଗଭୀର ପରିବର୍ତ୍ତନ। ଦୁଃଖ ଦୂରେଇ ଯାଏ ଏବଂ ଦିଶିଯାଏ ଆଲୋକିତ ପଥ। ମନରେ ଭରିଯାଏ ସାହସ। ତେଣୁ ଭିତରେ ଭିତରେ ଜଳୁଥିବା ମଣିଷ, ଜଳିଜଳି ଶୁଦ୍ଧରୁ ଅଧିକ ଶୁଦ୍ଧ ହୁଏ, ନଚେତ୍ ଜଳିଜଳି ଅଙ୍ଗାରରେ ପରିଣତ ହୁଏ।

କୁରୁବଂଶର ସିଂହାସନର ପ୍ରକୃତ ଉତ୍ତରାଧିକାରୀ ଥିଲେ ଧୃତରାଷ୍ଟ୍ର। କାରଣ ସେ ହିଁ ଥିଲେ ବଡ଼ ଭାଇ। ତେବେ ସେ ଅନ୍ଧ ଥିବାରୁ ସାନଭାଇ ପଣ୍ଡୁଙ୍କୁ ରାଜ୍ୟଭାର ଅର୍ପଣ ହୁଏ। କଥାଟି ଧୃତରାଷ୍ଟ୍ରଙ୍କୁ ସାରା ଜୀବନ କଷ୍ଟ ଦିଏ, ଯାହାକୁ ସେ କାହା ଆଗରେ ପ୍ରକାଶ କରିପାରନ୍ତି ନାହିଁ। ରାଜା ନ ହୋଇ ପାରିବାର ଦୁଃଖ, ଅନ୍ତର ତଳେ ଅହର୍ନିଶ ଜଳୁଥାଏ। ଯୁଧିଷ୍ଠିର ଯୁବରାଜ ପଦରେ ଅଭିଷିକ୍ତ ହେବା ତାଙ୍କର ଏ ଦୁଃଖକୁ ଅଧିକ ବଢ଼ାଏ। ଧୃତରାଷ୍ଟ୍ରଙ୍କ ହୃଦୟରେ କେହି ଯେମିତି କହୁଥାଏ, ସେ ନିଜେ ସିନା ଅନ୍ଧ, ହେଲେ ତାଙ୍କ ବଡ଼ ପୁଅ ଦୁର୍ଯ୍ୟୋଧନ ତ ସୁସ୍ଥ, ତେଣୁ ଏ ରାଜ ସିଂହାସନର ଏକମାତ୍ର ଉତ୍ତରାଧିକାରୀ ଦୁର୍ଯ୍ୟୋଧନ ହିଁ ହୋଇପାରେ! ଆଉ ତାଙ୍କର ଅନ୍ତହୀନ ନିରବତା ଓ ଅବ୍ୟକ୍ତ ଦୁଃଖ ଦୁର୍ଯ୍ୟୋଧନକୁ ପାଣ୍ଡବଙ୍କ ବିରୁଦ୍ଧରେ ଶକ୍ତି ଯୋଗାଏ, ଯାହା ବିଶାଳ ମହାଭାରତ ଯୁଦ୍ଧର ମୂଳ କାରଣ ପାଲଟେ।

ତେଣୁ ହସ ତଳର ଲୁହ, ନିରବତା ଭିତରର କୋହ କେତେବେଳେ ସୁପ୍ତ ଆଗ୍ନେୟଗିରି ତ କେତେବେଳେ ଛଳଛଳ ପବିତ୍ର ଝରଣାର ବିମୁଗ୍ଧ କୁଳୁକୁଳୁ ନିନାଦ। କେବଳ ଏତିକି ଆବଶ୍ୟକ ଯେ ମଣିଷ ତାକୁ କିପରି ବ୍ୟବହାର କରିବ।

ଅନୁଗୁଳ, ମୋ: ୭୬୮୪୯୮୯୫୫୭,

# ମହାପ୍ରଭୁଙ୍କ କୁଆଁର ନୀତି

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

କୁମାରପୂର୍ଣିମା ଦିନ ଖାଣ୍ଟି ଓଡ଼ିଆ ମହାପ୍ରଭୁ ପତ୍ନୀ ଲକ୍ଷ୍ମୀଙ୍କ ସାଙ୍ଗରେ କଉଡ଼ି ଖେଳନ୍ତି ଏବଂ ଥରେ ନୁହେଁ ସାତ ସାତ ଥର ପରାଜୟ ବରଣ କରନ୍ତି। ଜଗତର ନାଥ ଜଗନ୍ନାଥଙ୍କୁ ଖେଳରେ ହରେଇ ଦେବା ପରେ ମାତା ଲକ୍ଷ୍ମୀ ମୁରୁକି ମୁରୁକି ହସନ୍ତି। ପରମା ସୁନ୍ଦରୀ ମାଆ ମହାଲକ୍ଷ୍ମୀ ମୁରୁକି ହସିଲେ ଆହୁରି ଅଧିକ ସୁନ୍ଦର ମହାପ୍ରଭୁଙ୍କୁ ସୁନ୍ଦର ଦିଶନ୍ତି। ଏହା ହିଁ ମହାପ୍ରଭୁଙ୍କ ଜାଣିଶୁଣି ହାରିବା ପଛର ଉଦ୍ଦେଶ୍ୟ। ସ୍ତ୍ରୀ ମୁହଁର ହସକୁ ସେ ପୁରସ୍କାର ରୂପେ ଗ୍ରହଣ କରି ଖୁସି ହୁଅନ୍ତି କି ସେ କଥା ତାଙ୍କୁ ଜଣା। ଆଉ କେତେକଙ୍କ ମତରେ ରସିକିଆ ଜଗନ୍ନାଥଙ୍କର ଏଇଟା ଗୋଟେ ବାହାନା। ଜାଣି ଜାଣି ହାରୁଛନ୍ତି ଏବଂ ସର୍ତ୍ତ ଅନୁସାରେ ସାତଦିନ ଯାଇ ଲକ୍ଷ୍ମୀଙ୍କ ପାଖରେ ବନ୍ଧା ପଡ଼ି ରହୁଛନ୍ତି।

କୁମାର ପୂର୍ଣିମା ଦିନ ସନ୍ଧ୍ୟା ଧୂପ ପରେ ଶ୍ରୀଦେବୀ ଓ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନରେ ଯାଇ ମହାଲକ୍ଷ୍ମୀଙ୍କ ଜଗମୋହନରେ ଏକ ସୁସଜ୍ଜିତ ଖଟରେ ବିରାଜମାନ କରନ୍ତି। ସେଠାରେ ପତିପତ୍ନୀଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ସମର୍ପଣ ହୁଏ। ତା' ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ କଉଡ଼ି ଖେଳ ଆରମ୍ଭ ହୁଏ। ରୁପାରେ ନିର୍ମିତ ଏକୋଇଶଟି କଉଡ଼ି ଓ କାଠରେ ତିଆରି ଗୋଟି ଏହି ଖେଳ ପାଇଁ ବ୍ୟବହୃତ ହୁଏ। - 'ଶୁଦ୍ଧ ସୁବର୍ଣ୍ଣର ମଣ୍ଡପ ଚନ୍ଦନ କାଠ ଗୋଟି / ଲକ୍ଷ୍ମୀ ନାରାୟଣ ଖେଳନ୍ତି ହାତେ କଉଡ଼ି ମୁଠି।' ପତି ମହାପାତ୍ର ଜଗନ୍ନାଥଙ୍କ ତରଫରୁ ଏବଂ ଭିତରଛ ମହାପାତ୍ର/ ମୁଦିରସ୍ତ ଲକ୍ଷ୍ମୀଙ୍କ ତରଫରୁ ଖେଳରେ ଭାଗ ନିଅନ୍ତି। ସେଦିନ ସେଠାରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ସାତମୁଠା / ବାଜି କଉଡ଼ି ଖେଳ ହୁଏ ଏବଂ ସାତ ବାଜିଯାକ ମହାପ୍ରଭୁ ପତ୍ନୀଙ୍କଠାରୁ ଖେଳରେ ହାରି ଯାଆନ୍ତି। ପ୍ରତି ବାଜିରେ ମହାପ୍ରଭୁ ହାରିବା ପରେ ନିଜର କିଛି ନା କିଛି ଦୁର୍ମୂଲ୍ୟ ପଦାର୍ଥ ଲକ୍ଷ୍ମୀଙ୍କ ପାଖରେ ଦେବାକୁ ବାଧ ହୁଅନ୍ତି। ଖେଳ ଆରମ୍ଭ ଆଗରୁ ତାହା ହିଁ ସର୍ତ୍ତ ଥାଏ।

ପ୍ରଥମ ବାଜି ହାରିବା ପରେ ସୁବର୍ଣ୍ଣ ମୁକୁଟ, ଦ୍ୱିତୀୟ ବାଜି ପରେ ରତ୍ନ ହାର, ତୃତୀୟରେ ମକର କୁଣ୍ଡଳ, ଚତୁର୍ଥରେ ପିନ୍ଧି ଥିବା ପାଟ ବସନ, ପଞ୍ଚମରେ ରତ୍ନ ମୁଦି ଓ ଷଷ୍ଠରେ ରତ୍ନ ଖଚିତ ପାଦୁକା ହାରିବା ପରେ ତା' ପର ଖେଳ ପାଇଁ ମହାପ୍ରଭୁଙ୍କ ପାଖରେ ଆଉ କିଛି ନ ଥାଏ। ସପ୍ତମ ମୁଠା ଆରମ୍ଭ କରିବା ଆଗରୁ ମହାଲକ୍ଷ୍ମୀ ପଚାରନ୍ତି- 'ମହାପ୍ରଭୁ! ବର୍ତ୍ତମାନ ତ ବନ୍ଧା ଦେବା ପାଇଁ ଆଉ କିଛି ରହିଲା ନାହିଁ। ଯା' ପର ମୁଠା ଖେଳି ହାରିଲେ ଆପଣ ଦେବେ କ'ଣ?' ମହାପ୍ରଭୁ କହନ୍ତି- ବ୍ୟକ୍ତିର ଅତିପ୍ରିୟ ତା'ର ଶରୀର। ଏଥର ହାରିଲେ ମୁଁ ମୋର ଶେଷ ସମ୍ପତ୍ତି ଶରୀରକୁ ବନ୍ଧା ଦେଇ ଦେବି।' ସପ୍ତମ ବାଜି ମଧ୍ୟ ମହାପ୍ରଭୁ ହାରନ୍ତି। ଦେବୀ ଲକ୍ଷ୍ମୀ ବିଜୟୋଲ୍ଲାସର ସହ ହସି ହସି କହନ୍ତି- 'ବର୍ତ୍ତମାନ ସବୁ ବାଜି ହାରି ସର୍ତ୍ତ ଅନୁସାରେ ଆପଣ ମୋ ମନ୍ଦିରରେ ବନ୍ଧା ପଡ଼ିବେ ମହାପ୍ରଭୁ! ମହାପ୍ରଭୁ କହନ୍ତି- 'ଠିକ ଅଛି, ଲକ୍ଷ୍ମୀ! ମୁଁ ବନ୍ଧା ପଡ଼ିବାକୁ ରାଜି ଅଛି। କିନ୍ତୁ ତୁମେ ଯଦି ରାଜି ହୁଅନ୍ତ, ଅନ୍ତତଃ ଗୋଟେ ବାଜି ଜିଣିବାକୁ ଶେଷ ଚେଷ୍ଟା କରନ୍ତି।' ମହାଲକ୍ଷ୍ମୀ ସର୍ତ୍ତଭିତ୍ତିରେ ସମ୍ମତି ଜଣାଇବା ପରେ ମହାପ୍ରଭୁ କହନ୍ତି- 'ଖେଳ ତୁମ ମନ୍ଦିରରେ ହେଉ ଥିଲା ବୋଲି ମୁଁ ହାରି ଯାଉ ଥିଲି ବୋଲି ଭାବୁଛି। ଆଉ ଗୋଟେ ବାଜି ଆମ ବଡ଼ ଦେଉଳରେ ଖେଳିବା। ସେଥିରେ ମୁଁ ହାରିଗଲେ ତୁମ ମନ୍ଦିରରେ ନିଶ୍ଚୟ ବନ୍ଧା ପଡ଼ ରହିବି। ଏ କଥା ସତ୍ୟ।

ସେତେବେଳକୁ ଖେଳରେ ସାତ ସାତ ଥର ଜିଣି ସାରିଥିବାରୁ ଅଷ୍ଟମ ଥର ବି ସହଜରେ ଜିଣିଯିବେ ବୋଲି ବିଶ୍ୱାସ କରି ମାତା ଲକ୍ଷ୍ମୀ ମହାପ୍ରଭୁଙ୍କ ପ୍ରସ୍ତାବରେ ରାଜି ହୋଇ ଯାଆନ୍ତି। ତା' ପରେ ମଦନମୋହନ ଓ ଶ୍ରୀଦେବୀ ବଡ଼ଦେଉଳକୁ ବାହୁଡ଼ା ବିଜେ କରି ଯାଆନ୍ତି। ସେଦିନ ବଡ଼ସିଂହାର ବେଶ ଓ ଧୂପପରେ ଅଷ୍ଟମ ବାଜି କଉଡ଼ି ଖେଳ ପୋଖରୀଆରେ ଅନୁଷ୍ଠିତ ହୁଏ। ଏଥର ମଦନମୋହନଙ୍କ ଯାଗାରେ ନିଜେ ମହାପ୍ରଭୁ ଶ୍ରୀଦେବୀଙ୍କ ସହ କଉଡ଼ି ଖେଳନ୍ତି ଏବଂ ସେଥର ମଧ୍ୟ ପରାଜୟ ବରଣ କରନ୍ତି। - 'ସାତ ମୁଠି ଯୁଆ ଖେଳିଣ ପ୍ରଭୁ ହୋଇଲେ ବନ୍ଧା, ହାରି ଯାଇ ନିଜେ ନିଜକୁ ଦେଲେ ଲକ୍ଷ୍ମୀଙ୍କୁ ବନ୍ଧା।' ସର୍ତ୍ତ ଅନୁସାରେ ମହାପ୍ରଭୁଙ୍କ କୁନି ସ୍ୱରୂପ ବାଳପୁରୁଷୋତ୍ତମ ଲକ୍ଷ୍ମୀଙ୍କ ମନ୍ଦିରରେ ସାତଦିନ ପାଇଁ ବନ୍ଧକ ଭାବରେ ରହି ତା' ପର ଦିନ ଶ୍ରୀମନ୍ଦିରକୁ ବାହୁଡ଼ନ୍ତି। ଲକ୍ଷ୍ମୀଙ୍କ ଜଗମୋହନରେ ହେଉ ଥିବା କଉଡ଼ି ଖେଳକୁ 'ବାହାର କୁଆଁର' ଏବଂ ପୋଖରୀଆରେ ହେଉଥିବା ଖେଳକୁ 'ଭିତର କୁଆଁର' କୁହାଯାଏ। ଏହିପରି ଭାବରେ ମହାପ୍ରଭୁଙ୍କ 'କୁଆଁର ନୀତି' ସମ୍ପନ୍ନ ହୁଏ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୋର୍ଗାନ୍ ଷ୍ଟେନ୍‌ଲେ ରିପୋର୍ଟ**

## ଦକ୍ଷିଣ ଏସିଆରେ ସବୁଠୁ ଅଧିକ ବେକାର ଯୁବକ ଭାରତରେ

- ଯୁବବର୍ଗରେ ବେକାରି ହାର ୧୭.୬%
- ସଙ୍କଟରୁ ମୁକୁଳିବାକୁ ବାର୍ଷିକ ୧୨.୨% ହାରରେ ଅଭିବୃଦ୍ଧି ଆବଶ୍ୟକ

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ଦେଶର ଯୁବପିଢ଼ି ନିଯୁକ୍ତି ବଜାରରେ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଦେଶରେ ଯୁବ ବର୍ଗରେ ବେକାରି ହାର ବର୍ତ୍ତମାନ ୧୭.୬%ରେ ପହଞ୍ଚିଛି, ଯାହା ଦକ୍ଷିଣ ଏସିଆରେ ସର୍ବାଧିକ ରହିଥିବା ମୋର୍ଗାନ୍ ଷ୍ଟେନ୍‌ଲେ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ କୁହାଯାଇଛି। ସେହି ସମୟରେ କୃଷି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସଂଖ୍ୟା ୧୭ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଶିଳ୍ପ ଏବଂ ସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ଚାକିରି ଉପଲବ୍ଧ ନାହିଁ ଏବଂ ଲୋକମାନେ ସେମାନଙ୍କ ଦକ୍ଷତା ସହିତ ସମାନ କାମ ପାଇପାରୁନାହାଁନ୍ତି। ତେବେ ମୋର୍ଗାନ୍ ଷ୍ଟେନ୍‌ଲେର ଅର୍ଥନୀତିଜ୍ଞମାନେ




ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଭାରତର ଅର୍ଥନୀତିରେ ଦେଖାଦେଇଥିବା ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ବାର୍ଷିକ ୧୨.୨% ହାରରେ ଅଭିବୃଦ୍ଧି ହେବା ଆବଶ୍ୟକ। ଯଦି ଏହା ନ ହୁଏ, ତେବେ ଲକ୍ଷ ଲକ୍ଷ ଯୁବକ ବେକାର ରହିପାରନ୍ତି, ଯାହା ,ସମାଜରେ ଉତ୍ତେଜନା ବୃଦ୍ଧି କରିପାରେ।

ଭାରତରେ କାମ ଆକଳନ କରିବା କଷ୍ଟକର କାରଣ ଜଣେ ବ୍ୟକ୍ତି ପୂର୍ବ ସପ୍ତାହରେ ଅତି କମ୍‌ରେ ଗୋଟିଏ ଘଣ୍ଟା କାମ କଲେ ତାଙ୍କୁ ନିଯୁକ୍ତିପ୍ରାପ୍ତ ବୋଲି ବିବେଚନା କରାଯାଏ। ଏଥିରେ ପାରିବାରିକ କାମ ଅନ୍ତର୍ଭୁକ୍ତ। ଏହା ଦେଶରେ ପ୍ରକୃତ ନିଯୁକ୍ତି ପରିସ୍ଥିତିକୁ ଅସ୍ପଷ୍ଟ କରେ। ସରକାରଙ୍କ ମତରେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୩%–୬.୮%। କିନ୍ତୁ, ଏହି ଅଭିବୃଦ୍ଧି ନିଯୁକ୍ତି ସୃଷ୍ଟି କରିବା ପାଇଁ ଯଥେଷ୍ଟ ନୁହେଁ। ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୮୪ ନିଯୁତ ଲୋକ କାର୍ଯ୍ୟ କରିବା ବୟସରେ ପହଞ୍ଚିବେ। ଯଦି ଭାରତର ଅର୍ଥନୀତିରେ ଅତି ଶୀଘ୍ର ଅଭିବୃଦ୍ଧି ନ ହୁଏ, ତେବେ ଲକ୍ଷ ଲକ୍ଷ ଯୁବକ ଯୁବତୀ ଉପଯୁକ୍ତ ନିଯୁକ୍ତିରୁ ବଞ୍ଚିତ ହେବେ। ଏହି କାମର ଅଭାବ ସାମାଜିକ ଉତ୍ତେଜନା ବୃଦ୍ଧି କରିପାରେ ଏବଂ ବିଦେଶରେ ଚାକିରି ଖୋଜୁଥିବା ଯୁବକ ଯୁବତୀମାନଙ୍କ ଉପରେ ଚାପ ପକାଇପାରେ। ବିଶେଷକରି ଏଥିଯୋଗୁ ଏଚ୍-୧ବି ଭିସା ମହଙ୍ଗା ହୋଇପାରେ।

ଭାରତରେ ପ୍ରାୟ ୬୦୦ ନିଯୁତ ଲୋକ ଏବେ ବି ପ୍ରତିଦିନ ୩୨୪ ଟଙ୍କା ରୁ କମ୍ ରୋଜଗାରରେ ବଞ୍ଚୁଛନ୍ତି। ସମ୍ପ୍ରତି, ବିଶ୍ୱ ବ୍ୟାଙ୍କ ଦାରିଦ୍ର୍ୟ ସୀମାକୁ ୩୬୩ ଟଙ୍କା କୁ ବୃଦ୍ଧି କରିଛି। ଏହାର ଅର୍ଥ ହେଉଛି ଯେ ଏବେ ଅଧିକ ଲୋକଙ୍କୁ ଗରିବ କିମ୍ବା ଦୁର୍ବଳ ଭାବରେ ଗଣନା କରାଯିବ। ଦାରିଦ୍ର୍ୟ ବୃଦ୍ଧି ଲୋକଙ୍କ କ୍ରୟ ଶକ୍ତିକୁ ହ୍ରାସ କରିବ, ଯାହା ନୂତନ ନିଯୁକ୍ତି ସୃଷ୍ଟି ଉପରେ ନକାରାତ୍ମକ ପ୍ରଭାବ ପକାଇବ।

**ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଇନଫ୍ରା ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ**

## ମୁମ୍ବାଇ- ଇନ୍ଦୋରର ୬ଟି ସ୍ଥାନରେ ରେଡ୍



ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ବିଦେଶକୁ ବେଆଇନ ପାଣ୍ଠି ସ୍ଥାନାନ୍ତର ଅଭିଯୋଗରେ ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇନ୍‌ଫ୍ରା ଉପରେ ପୁଣି ଚଢ଼ଉ କରିଛି ଫେମା ଆଇନ ଅଧୀନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ତଦନ୍ତକାରୀ ଏଜେନ୍ସି ଇନ୍ଦୋର ଏବଂ ମୁମ୍ବାଇର ୬ଟି ସ୍ଥାନରେ ଏ ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି। ଏହା ପୂର୍ବରୁ ଅଗଷ୍ଟ ମାସରେ ଇଡି ଅନିଲ ଅମ୍ବାନୀଙ୍କୁ ତାଙ୍କ ଗ୍ରୁପ୍ କମ୍ପାନୀଗୁଡ଼ିକ ବିରୁଦ୍ଧରେ କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ସହିତ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ୧୦ ଘଣ୍ଟା ଧରି ପଚରାଉଚରା କରିଥିଲା।

ମଙ୍ଗଳବାର ଅନିଲ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ରାତି ପ୍ରାୟ ୯ଟାରେ ସେଠାରୁ ବାହାରିଥିଲେ। ଇଡି ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଅନିଲ ଅମ୍ବାନୀଙ୍କ ବୟାନ ରେକର୍ଡ କରିଥିଲା। ତେବେ ପଚରାଉଚରା ସମୟରେ ଅନିଲ କମ୍ପାନୀରେ କୌଣସି ଭୁଲ କାର୍ଯ୍ୟକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ ତାଙ୍କ କମ୍ପାନୀଗୁଡ଼ିକ ନିୟାମକଙ୍କୁ ସେମାନଙ୍କର ଆର୍ଥିକ ସ୍ଥିତି ବିଷୟରେ ଠିକ୍ ସମୟରେ କହିଥିଲେ। ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ଏହା ମଧ୍ୟ କହିଥିଲେ ଯେ କମ୍ପାନୀଗୁଡ଼ିକ ସହ ଜଡ଼ିତ ସମସ୍ତ ଆର୍ଥିକ ନିଷ୍ପତ୍ତି କମ୍ପାନୀଗୁଡ଼ିକର ସମ୍ପୃକ୍ତ ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କ ଦ୍ୱାରା ନିଆଯାଇଥିଲା। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନିଲ ଅମ୍ବାନୀ ଗ୍ରୁପ୍ କମ୍ପାନୀକୁ ୬୮ କୋଟି ଟଙ୍କାର ଜାଲ୍ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବା ଅଭିଯୋଗରେ ଓଡ଼ିଶା ସ୍ଥିତ ଏକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପାର୍ଥ ସାରଥୀ ବିଶ୍ୱାଳଙ୍କୁ ଗିରଫ କରିଛି। ରିଲାଏନ୍ସ ଇନଫ୍ରା (ଆର୍ ଇନ୍‌ଫ୍ରା) ସମେତ ଅନିଲ ଅମ୍ବାନୀଙ୍କ ଅନେକ କମ୍ପାନୀ ଦ୍ୱାରା ୧୭ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗ୍ରୁପ୍ ଋଣ ଟଙ୍କାର ଅନିୟମିତତା ଏବଂ ଅପବ୍ୟବହାର ଅଭିଯୋଗରେ ଏଜେନ୍ସି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସ୍ୱର୍ଗତ ପ୍ୟାରୀମୋହନଙ୍କ ପତ୍ନୀ ପ୍ରତିଭା ମହାପାତ୍ରଙ୍କ ପରଲୋକ

### ଶୋକ ପ୍ରକାଶ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

ଭୁବନେଶ୍ୱର,୩୦।୯ (ସମିସ): ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ପତ୍ନୀ ପ୍ରତିଭା ମହାପାତ୍ରଙ୍କ ପରଲୋକ ହୋଇଛି। ୭୯ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ହେବ ଶ୍ରୀମତୀ ମହାପାତ୍ର କର୍କଟ ରୋଗରେ ପୀଡ଼ିତ ଥିଲେ। ଆଜି ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହିତ ତାଙ୍କର ବାନ୍ତି ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଛି। ବୁଧବାର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

ତାଙ୍କ ଦେହାନ୍ତ ବିଷୟରେ ଜାଣି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ନବୀନ ଏକ୍ସ ଯୋଗେ ସ୍ୱର୍ଗତ ପ୍ରତିଭା ମହାପାତ୍ରଙ୍କ ପରଲୋକରେ ଦୁଃଖିତ ବୋଲି ଉଲ୍ଲେଖ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏହାସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରର ସଦସ୍ୟଙ୍କ ପ୍ରତି ନବୀନ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ବିଭିନ୍ନ ଦଳର ରାଜନେତାମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରୀମତୀ ମହାପାତ୍ରଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟଙ୍କା ଦିଅ...

ନେଇ ପ୍ରଶ୍ନ ଉଠିଛି । ସେହିପରି ୯୩୩ଟି ପଦ ଲାଗି ଆବେଦନ କରିଥିବା ୧ ଲକ୍ଷ ୫୩ ହଜାର ୭୩୪ ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପୁଲିସ ଏସ୍‌ଆଇ ପରୀକ୍ଷାରେ ଏତେବଡ଼ ଜାଲିଆତି ସମ୍ପର୍କରେ ପୁଲିସ ନିକଟରେ ବି ସୂଚନା ନ ଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଏହି ପରୀକ୍ଷାର୍ଥୀମାନଙ୍କୁ ତିନିଦିନ ଧରି ଭୁବନେଶ୍ୱରରେ ରଖାଯାଇଥିଲା। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୧୧୦ ପରୀକ୍ଷାର୍ଥୀ ଏକାଠି ହୋଇଥିଲେ। ଏମାନଙ୍କୁ ତିନୋଟି ବସ୍‌ରେ ହାଇଦ୍ରାବାଦ ପଠାଯାଇଥିଲା। ତେବେ ଆସନ୍ତା ୫ ଓ ୬ ତାରିଖରେ ହେବାକୁଥିବା ଲିଖିତ ପରୀକ୍ଷା ନିମନ୍ତେ ହାଇଦ୍ରାବାଦରେ ହେବାକୁଥିବା 'ଘୋଷା' (ଅଭ୍ୟାସ)ରୁ ଶେଷ ମୁହୂର୍ତ୍ତରେବଞ୍ଚିତ ହୋଇଥିବା ଜଣେ ଆଶାୟୀଙ୍କ ସମ୍ପର୍କୀୟଙ୍କ ଯୋଗୁଁ ଏହି ନିଯୁକ୍ତି ଜାଲିଆତିର ଗୁମର ଖୋଲି ଦେଇଥିଲେ। ଏ ସମ୍ପର୍କରେ ସେ ରାଜଧାନୀର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତାଙ୍କଠାରୁ ସୂଚନା ପାଇବା ପରେ ବ୍ରହ୍ମପୁର ପୁଲିସକୁ ଅବଗତ କରାଯାଇଥିଲା। ୩ଟି ବସ୍‌ରେ ହାଇଦ୍ରାବାଦ ଯିବାବେଳେ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ, ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି ଓ ୪ ଥାନାଧିକାରୀ ବସ୍‌ଗୁଡ଼ିକୁ ଶ୍ରୀକାକୁଲମ୍ ପୁଲିସ ସହାୟତାରେ ଅଟକାଇ ଯାଞ୍ଚ କରିଥିଲେ। ସେମାନେ ସମସ୍ତେ ଏସ୍‌ଆଇ ପରୀକ୍ଷାର୍ଥୀ ବୋଲି ଜଣା ପଡ଼ିବା ପରେ ସେଠାରୁ ୧୧୦ ପରୀକ୍ଷାର୍ଥୀ, ଦୁଇଜଣ ଏଜେଣ୍ଟଙ୍କ ସହ ମୋଟ ୧୧୭ ଜଣଙ୍କୁ ବ୍ରହ୍ମପୁର ନିକଟସ୍ଥ ଆମ୍ବପୁଆ ରିଜର୍ଭ ପୁଲିସ କାର୍ଯ୍ୟାଳୟକୁ ଅଣାଯାଇଛି। ଅନ୍ୟପକ୍ଷରେ ଘଟଣାର ଅନୁସନ୍ଧାନ ପାଇଁ କ୍ରାଇମବ୍ରାଞ୍ଚର ୫ରୁ ଊର୍ଦ୍ଧ୍ୱ ଜଣିଆ ଟିମ୍ ବ୍ରହ୍ମପୁରରେ ପହଞ୍ଚିଛନ୍ତି। କ୍ରାଇମବ୍ରାଞ୍ଚ ଡ଼ିଜି ବିନୟତୋଷ ମିଶ୍ର ଅଟକ ରଖାଯାଇଥିବା ଆଶାୟୀଙ୍କୁ ଜେରା କରିଛନ୍ତି ଓ ପ୍ରାୟ ୧୦ ଘଣ୍ଟା ଜେରା ପରେ ପୁଲିସ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତରେ ଲାଗିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୁଲିସ ରିକ୍ରୁଟମେଣ୍ଟ ବୋଡର୍ ଏଥିପାଇଁ ଏକ ସହାୟତା ନମ୍ବର ଜାରି କରାଯାଇଛି।

### ପରୀକ୍ଷା ପୁଣି ସ୍ଥଗିତ...

କରୁଥିବା ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନ ଥିଲା।

### ବ୍ୟବସ୍ଥିତ ବିଫଳତା...

ସେ କହିଛନ୍ତି ଯେ ଆଜି ରାଜ୍ୟରେ ଆଉ ଏକ ନିଯୁକ୍ତି ପରୀକ୍ଷା ବାତିଲ ହୋଇଥିବା ଜାଣି ଆଶ୍ଚର୍ଯ୍ୟ ଲାଗୁଛି। ସବ୍-ଇନ୍ସପେକ୍ଟର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କମ୍ବାଇଣ୍ଡ ପୁଲିସ୍ ସର୍ଭିସ୍ ପରୀକ୍ଷା ୨୦୨୪କୁ ଆଜି ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ବାତିଲ କରିଛି।

ଏହି ନିଯୁକ୍ତି ପରୀକ୍ଷା ବାତିଲ ସହ ଅସାଧୁ ଉପାୟ ଅବଲମ୍ବନ ଏବଂ ପ୍ରଶ୍ନପତ୍ର ଲିକ୍ ଆଦି ଘଟଣା ପାଇଁ ଜୁଲାଇ ୨୦୨୫ ପରଠାରୁ ଏହା ଚତୁର୍ଥ ନିଯୁକ୍ତି ପରୀକ୍ଷା ବାତିଲ ହୋଇଛି। ଏହା ପୂର୍ବରୁ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଲିକ୍ ଯୋଗୁଁ ବ୍ୟାପକ ଆକ୍ରୋଶ ସୃଷ୍ଟି ହୋଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ଏହାକୁ ବାତିଲ କରାଯାଇଥିଲା। ସେହିପରି ଜୁଲାଇ ୩୦-୩୧ରେ ଓଏସଏସଏସସି ପକ୍ଷରୁ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଏସ୍‌ଏଫ୍‌ଏସ୍ ଭଳି ନିଯୁକ୍ତି ପାଇଁ ପରୀକ୍ଷାରେ ପ୍ରାରମ୍ଭିକ ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ଏହାକୁ ବାତିଲ କରାଯାଇଥିଲା। ଅଗଷ୍ଟ ୧ ରୁ ସେପ୍ଟେମ୍ବର ୪ ମଧ୍ୟରେ ଏହି ପରୀକ୍ଷା ହେବା ନେଇ ଧାର୍ଯ୍ୟ ହୋଇଥିଲା। ଏହା ବ୍ୟତୀତ ଅଗଷ୍ଟ ୨୨ରେ ପୁନଃନିର୍ଦ୍ଧାରିତ ସ୍ୱତନ୍ତ୍ର ଓଟିଇଟି-୨୦୨୫କୁ ପୁନର୍ବାର ସ୍ଥଗିତ ରଖାଯାଇଥିଲା। ମାଧ୍ୟମିକ ଶିକ୍ଷା ବୋର୍ଡ "ଅନିବାର୍ଯ୍ୟ ପରିସ୍ଥିତି' ଦର୍ଶାଇ ପରୀକ୍ଷା ବାତିଲ କରୁଥିବା ବେଳେ ଏହା ଆଶାୟୀମାନଙ୍କୁ ନିରାଶ କରିଚାଲିଛି। ପରୀକ୍ଷାରେ ବାରମ୍ବାର ବାଧାବିଘ୍ନ ଓଡ଼ିଶାର ନିଯୁକ୍ତି ବ୍ୟବସ୍ଥାରେ ଏକ ଅସୁବିଧାଜନକ ଢାଞ୍ଚାକୁ ଦର୍ଶାଉଛି। ଏଭଳି ଘଟଣାମାନ ପରୀକ୍ଷାର୍ଥୀଙ୍କ ବିଶ୍ୱାସ ହରାଉଥିବା ବେଳେ ସାରା ରାଜ୍ୟରେ ଲକ୍ଷ ଲକ୍ଷ ଚାକିରି ଆଶାୟୀଙ୍କୁ ପ୍ରଭାବିତ କରୁଛି। ଏସବୁ ଶାସନର ବ୍ୟବସ୍ଥିତ ବିଫଳତାକୁ ସୂଚାଉଛି। ତେଣୁ ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ତୁରନ୍ତ ସମାଧାନର ବାଟ ବାହାର କରିବାର ଆଶ୍ୟକତା ରହିଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ଶାରୀରିକ ପରୀକ୍ଷାରେ...

ଲମ୍ବିଡିଆଁ ଓ ଅବଶିଷ୍ଟ କାର୍ଯ୍ୟ ହୋଇଯିବ ବୋଲି ଆଶ୍ୱାସନା ବି ମିଳିଛି। ଏଥିପାଇଁ ପରୀକ୍ଷାର୍ଥୀମାନଙ୍କ ସହ ୨୫ରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡ଼ିଲ୍ ହୋଇଥିଲା ଓ ପ୍ରଥମ ପର୍ଯ୍ୟାୟରେ ଆଶାୟୀମାନଙ୍କଠାରୁ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଛି। ଶ୍ରୀକାକୁଲମ୍‌ରୁ ପୁଲିସ ଧରିଥିବା ପିଲାମାନେ ୩ ଦିନ ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କଠାରୁ ମୋବାଇଲ୍ ପରି ସମସ୍ତ ପ୍ରକାର ଇଲେକଟ୍ରୋନିକ୍ସ ସାମଗ୍ରୀ ନିଆ ଯାଇଥିଲା ଓ ଗତକାଲି ସଂଧ୍ୟାରେ ସେମାନଙ୍କୁ ଭୁବନେଶ୍ୱରରୁ ହାଇଦ୍ରାବାଦ ପଠାଯାଇଥିଲା।

### ୬୯ ଲକ୍ଷ ଭୋଟର୍...

ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟ ଏହି ଆଶ୍ୱାସନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତବର୍ଷ ଜୁନ ମାସରେ ଭାରତର ନିର୍ବାଚନ କମିସନ ପକ୍ଷରୁ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଥିଲା। କମିସନଙ୍କ ପକ୍ଷରୁ ଆଜି ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଜୁନ୍ ୨୦୨୪ରେ ବିହାରରେ ମୋଟ୍ ଭୋଟର ସଂଖ୍ୟା ୭ କୋଟି ୮୯ ଲକ୍ଷ ଥିଲା। ଏସ୍‌ଆଇଆର ବେଳେ ୬୫ ଲକ୍ଷ ଅଯୋଗ୍ୟ ଭୋଟରଙ୍କୁ ତାଲିକାକୁ ବାଦ୍ ଦିଆଯାଇଥିଲା। ଏହି ୬୫ ଲକ୍ଷଙ୍କୁ ବାଦ ଦେଇ ଗତ ଅଗଷ୍ଟ ମାସରେ କମିସନ ଯେଉଁ ଅସ୍ଥାୟୀ ତାଲିକା ବା ଡ୍ରାଫ୍ଟ ରାଲ୍ ପ୍ରକାଶ କରିଥିଲେ ସେଥିରେ ଭୋଟର ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଥିଲା। ଏହାପରେ ପୁଣି ୩ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏହାସହିତ ଭୋଟର ତାଲିକାରୁ କଟିଥିବା ଭୋଟରମାନଙ୍କ ମୋଟ୍ ସଂଖ୍ୟା ହେଉଛି ୬୮ ଲକ୍ଷ ୬୬ ହଜାର। ତେବେ ଏହି ପ୍ରକ୍ରିୟାରେ ୨୧ ଲକ୍ଷ ୫୩ ହଜାର ନୂଆ ଭୋଟରଙ୍କୁ ସାମିଲ କରାଯାଇଛି। ଫଳରେ ଆଜି ଯେଉଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି, ସେଥିରେ ମୋଟ୍ ଭୋଟର ସଂଖ୍ୟା ୭ କୋଟି ୪୨ ଲକ୍ଷକୁ ହ୍ରାସ ପାଇଛି।

କମିସନ କହିଛନ୍ତି ଯେ ଡ୍ରାଫଟ ରୋଲ ପ୍ରକାଶ ପାଇବା ପରେ ୨ ଲକ୍ଷ ୧୭ ହଜାର ଲୋକ ସେମାନଙ୍କର ନାମ କାଟିବା ଲାଗି ଆବେଦନ କରିଥିବା ବେଳେ ୧୬ ଲକ୍ଷ ୯୩ ହଜାର ଲୋକ ନାମ ଯୋଡ଼ିବା ଲାଗି ଆବେଦନ କରିଥିଲେ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକାରୁ ଯେଉଁମାନେ ବାଦ୍ ପଡ଼ିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ମୃତ ବ୍ୟକ୍ତି, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଥିବା ବ୍ୟକ୍ତି, ଏକାଧିକ ସ୍ଥାନରେ ନାମ ପଞ୍ଜୀକରଣ କରିଥିବା ବ୍ୟକ୍ତି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ନିଜ ନାମ ଯୋଡ଼ିବା ଲାଗି ଭୋଟରମାନଙ୍କ ପାଖରେ ଏବେ ବି ସମୟ ରହିଛି। ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲର ଶେଷ ତାରିଖର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ ନାମ ଯୋଡ଼ିବା ଲାଗି ଆବେଦନ କରିପାରିବେ।

ସୂଚନାଯୋଗ୍ୟ ଯେ ଏସ୍‌ଆଇଆରକୁ ବିରୋଧ କରି ବିଭିନ୍ନ ଦଳ ଓ ସଂଗଠନ ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହେବା ସହିତ ଅଭିଯୋଗ କରିଥିଲେ ଯେ ଶାସକ ବିଜେପି ସରକାର କଥାରେ ପଡ଼ି କମିସନ ଭୋଟର ତାଲିକାରେ ବେଆଇନ ଭାବେ ସଂଶୋଧନ କରୁଛନ୍ତି। ସଂଶୋଧନ ବେଳେ ଗରିବ ଓ ସଂଖ୍ୟାଲଘୁ ଭୋଟରଙ୍କ ନାମକୁ କାଟି ଦିଆଯାଉଛି। ଭାରତର ନାକରିକ କିଏ, ତାହା କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସ୍ଥିର କରୁଥିବା ବେଳେ କମିସନ ପାଖରେ ଏହି କ୍ଷମତା ନାହିଁ। ଏହାସତ୍ତ୍ୱେ କମିସନ ଏହି ଆଳରେ ଲକ୍ଷ ଲକ୍ଷଙ୍କ ନାମ କାଟିବାରେ ଲାଗିଛି। ପୁଣି ସଂଶୋଧନ ବେଳେ କମିସନ ଆଧାର କାର୍ଡକୁ ଗ୍ରହଣ କରିବାକୁ ମନା କରିଥିଲେ। ତେବେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ପରିଚୟ ପତ୍ର ରୂପେ ଗ୍ରହଣ କରିଥିଲେ।

## ପରୀକ୍ଷା ବାତିଲରେ ରାଜ୍ୟ ସରକାରଙ୍କ ନୂଆ କୀର୍ତ୍ତିମାନ: ବିଜେଡି

- ୧୫ମାସରେ ବାତିଲ ହୋଇଛି ୧୫ଟି ନିଯୁକ୍ତି ପରୀକ୍ଷା
- ରାଜରାସ୍ତାକୁ ଓହ୍ଲାଇବାକୁ ଛାତ୍ର ବିଜେଡିର ଚେତାବନୀ

ଭୁବନେଶ୍ୱର,୩୦।୯ (ସମିସ): ଓଡିଶା ପୁଲିସ ଏସଆଇ ନିଯୁକ୍ତି ପାଇଁ ଅକ୍ଟୋବର ୫ ଓ ୬ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଆଜି ସ୍ଥଗିତ ରଖାଯିବା ପରେ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ବିଜୁ ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ଗତ ପନ୍ଦର ମାସର ବିଜେପି ଶାସନରେ ପନ୍ଦର ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରା ଯାଇଛି। ଏହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଓ ପରୀକ୍ଷା ବାତିଲ କରିବାରେ ସରକାର ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ସେ ଆହୁରି କହିଛନ୍ତି, ଗତ ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ହେବାକୁ ଥିବା ପୁଲିସ ଏସଆଇ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ବାତିଲ କରା ଯାଇଥିଲା। ଏହାକୁ ଅକ୍ଟୋବର ୫ ଓ ୬ରେ କରାଯିବ ବୋଲି ଘୋଷଣା କରା ଯାଇଥିଲା। ପରୀକ୍ଷା ହେବାକୁ ଏକ ସପ୍ତାହରୁ କମ ସମୟ ଥିବା ବେଳେ ଆଜି ପରୀକ୍ଷା ପୂର୍ବରୁ ପୂର୍ବ ପ୍ରସ୍ତୁତି ପାଇଁ ଅନେକ ପରୀକ୍ଷାର୍ଥୀଙ୍କୁ ଜାଲିଆତି ପାଇଁ ହାଇଦ୍ରାବାଦ ନିଆ ଯାଉଥିବା ବେଳେ ଧରା ପଡିଥିଲା। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ଦ୍ୱାରା ୧୦୦ରୁ ଅଧିକ ଆଶାୟୀଙ୍କୁ ନେଇ ହାଇଦ୍ରାବାଦ ଠାରେ କୋଚିଂ ଦେବା ନାମରେ ନିଆ ଯାଉଥିବା ବେଳେ ଆଜି ତାଙ୍କୁ ବ୍ରହ୍ମପୁର ପୁଲିସ ଧରିଛି। ପରୀକ୍ଷା



ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ବିଶେଷ କୋଚିଂ ପ୍ରଦାନ ଜାଲିଆତି କାର୍ଯ୍ୟକ୍ରମ କରିବାକୁ ସାହସ ଜୁଟାଇ ପାରିଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ ସରକାରଙ୍କ କୌଣସି ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ତ? ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ନିଜେ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି। ତେଣୁ ସେ ଏ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉତ୍ତର ରଖିବା ଦରକାର। ଏହି ଘଟଣାରୁ ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଯୁବତୀ ମାନେ ନିଯୁକ୍ତି ପାଇଁ ଥିବା ବ୍ୟବସ୍ଥା ଉପରେ ସନ୍ଦେହ ଉପୁଜିଛି। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ସେ ଦାବି କରିଥିବା ବେଳେ ନିଯୁକ୍ତି ବ୍ୟବସ୍ଥା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେଲେ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଛନ୍ତି।

## ବିଜୟା ଦଶମୀରେ ସୁନାବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ, ୩୦।୯ (ସମିସ): ବିଜୟା ଦଶମୀରେ ସୁନାବେଶରେ ସଜେଇ ହେବେ ମହାପ୍ରଭୁ। ହଜାର ହଜାର ଭକ୍ତ ରତ୍ନସିଂହାସନରେ ଠାକୁରଙ୍କର ଏହି ଦୁର୍ଲଭ ବେଶ ଦର୍ଶନ କରିବେ। ସେହିପରି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣଙ୍କ ବୀରବେଶ ଅନୁଷ୍ଠିତ ହେବ। ବିଜୟା ଦଶମୀରେ ଦାରୁଦିଅଁଙ୍କ ସୁନାବେଶ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦୁର୍ଗାପୂଜା ଅବସରରେ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳଭଦ୍ରଙ୍କ ହଳମୂଷଳ, ଦେବୀ ସୁଭଦ୍ରାଙ୍କ ତଡ଼ଗୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶଙ୍ଖ, ଚକ୍ର ପୂଜାରେ ବସିଥାଏ। ଦୁଷ୍ଟ ମହିଷାସୁରକୁ ବଧ କରିବା ପାଇଁ ତିନିଠାକୁର ତାଙ୍କ ଆୟୁଧ ଦେବୀଙ୍କୁ ଅର୍ପଣ କରିଥା'ନ୍ତି ବୋଲି ଏହା ପ୍ରତିପାଦିତ କରିଥାଏ। ପୁନଶ୍ଚ ଦଶହରା ଦିନ ଦେବୀଙ୍କଠାରୁ ଏହି ଆୟୁଧ ଅଣାଯାଇ ଠାକୁରଙ୍କୁ ପରିଧାନ କରାଯାଏ। ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବୀରବେଶ ଧାରଣ କରି ଦଶହରା ପଦା (ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ବିଜେ କରିଥାନ୍ତି। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଏ। ନୂଆ ଲୁଗା ଲାଗି ସାରିବା ପରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୁଏ। ଏହି ସୁନାବେଶରେ ଆୟୁଧମାନ ଲାଗି ହୋଇ ନଥାଏ। ବେଶ ବଢ଼ି ସକାଳଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢ଼ି ବରୁଣ ପୂଜା ହୁଏ। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଯାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୁଏ। ଦଶହରା ପଦାକୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥାନ୍ତି। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥାନ୍ତି। ଦଶହରା ପଦାରୁ ଫେରିବା ପରେ ଦୁର୍ଗାମାଧବ ଉପାସନାର ପରିସମାପ୍ତି ହୋଇଥାଏ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ଆଜି ଦିନଟି ଆପଣଙ୍କ ପାଇଁ ଭଲ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ଉଧାର ଟଙ୍କା ଫେରି ପାଇବେ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ଦାନ ଧର୍ମ କରନ୍ତୁ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ। ନିବେଶରୁ ଲାଭ ମିଳିପାରେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିପାରେ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** ଲୋକସମ୍ପର୍କ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। କିଛି କ୍ଷେତ୍ରରେ ଅସଫଳ ରହିବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପେଟଜନିତ ସମସ୍ୟା ଦେଖାଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଜଗି ରଖି ଚଳିବା ଭଲ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ମହିଳାଙ୍କ ପାଇଁ ଦିନଟି ଭଲ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

**AFFIDAVIT**

I, Mamatarani Biswal, D/O- Jagabandhu Biswal, W/O- Bhaskar Chandra Paikaray resident of Vill: Baghamunda, Post: Nuagaon Badabhuin, Ps: Brahmagiri, Dist: Puri, Pin- 752011, Odisha declare by this affidavit No.19, dated: 19/09/2025, that now onwards I shall be known as **MAMATA PAIKARAY** for all future purposes.

**AFFIDAVIT**

I, Bhaskar Chanra Paikaray, S/O- Late Surendra Kumar Paikaray, resident of Vill: Baghamunda, Po: Nuagaon Badabhuin, Ps: Brahmagiri, Dist: Puri, Pin- 752011, Odisha declare by this affidavit No.3, dated: 29/09/2025, that now onwards I shall be known as **BHASKAR CHANDRA PAIKARAY** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, bearing no.-3585, dated 19/09/2025 I, Sandeep Behera, Address S/o- Hemanta Kumar Behera, At- Bhagabatisahi, Po/Ps- Banpur, Dist.- Khordha, Odisha, Pin- 752031 declare that I have changed my name from **Sandeep Kumar Behera** to **Sandeep Behera**. Henceforth, I shall be known as **Sandeep Behera** for all purposes.

**Sandeep Behera**

**AFFIDAVIT**

By virtue of an affidavit (CF No. 25) sworn before The Executive Magistrate, Bhubaneswar on dated- 26/09/2025. I, **Sagar Bijay Panda,** S/o Bijay Panda, Address: Vill- Subalayapalli, G.P./Town: Dhanantara, PS: Saragada, Dist: Ganjam, PIN: 761106, Odisha declare that I have changed my name from **Sagar Panda** (old name) To **Sagar Bijay Panda** (new name). Henceforth, I shall be known as Sagar **Bijay Panda** (new name) for all purposes.

**Bijay Panda**

**LOST**

ମୁଁ ବଦ୍ୟନାଥ ପୁଟେଲ (ବୟସ-୬୩) ପିତା - ସୁରୁ ପୁଟେଲ, ମୌଜା- ବଞ୍ଚପାଳି, ପୋଷ୍ଟ / ଥାନା-କଣ୍ଟାମାଳ, ଥାନା ନଂ-୨୧, ଜିଲ୍ଲା-ବୌଦ୍ଧ, ଗତ ତା୧୦.୦୯.୨୫ରିଖରେ ମୁଁ ଏକ ଜରୁରୀ କାର୍ଯ୍ୟ ସମାପ୍ତକରି ବଲାଙ୍ଗୀର ଠାରୁ ଏକ ଘରୋଇ ବସ ଯୋଗେ କଣ୍ଟାମାଳ ଫେରୁଥିଲି, ବସ ଭିତରେବହୁତ ଭିଡ଼ ଥିବାରୁ ସେଠାରେ ମୋର କବଲା (SaleDeed) ନଂ- ୪୭/୨୦୦୧ ତା୨୪.୦୧.୨୦୦୧ ଥିବା ବ୍ୟାଗଟି ହଜିଯାଇଛି, ପରେ ଆସି ଆମ ଅଞ୍ଚଳର ପୋଲିସ ଷ୍ଟେସନରେ ଏ ବିଷୟରେ ଲିଖିତ ଅଭିଯୋଗପତ୍ର ଦାଖଲ କରିଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ଦୟାକରି ଏହି ନମ୍ବର ରେ ଯୋଗାଯୋଗ କରନ୍ତୁ। ମନୋଜ କୁମାର ଦାଶ (ୱକିଲ) ୯୫୫୬୧୦୫୭୨୧ ପୂର୍ଣ୍ଣଚନ୍ଦ୍ର ପୁଟେଲ -୭୩୨୫୯୬୯୦୭୬

**LOST**

I, **Smt Biswabandita Samal,** W/O- Karan Kumar Samal, GkG, House No. 169, Ranga Bazar, P/S- Balianta, Dist- Khordha, Odisha declare that while traveling from Rangbazar Chhak on date 28.09.2025, I have lost the Original Sale Deed No 11821703364 Dt 27.12.2017 ROR Name of Rahasya Manjari Sahoo. Khata No. 27/486. Sale Deed No. 11821900608, Dt 27.02.2019 ROR Name of Kailash Chandra Muduli Khata No. 277/605 along with original ROR. If anyone found, please contact- 9114320991.

**AFFIDAVIT**

By virtue of an affidavit sworn before the Notary Public, Jajpur on 19.09.2025 that I, Prasanta Kumar Parida, S/o- Basanta Kumar Parida, resident of At: Badasuar, Po: Markandapur, Dist/PS-Jajpur, Odisha-755062 declare that as per the order of honourable court of the Civil Judge (Junior Division), Jajpur, vide order/judgement dated 29.10.2015 of C.S. No.18 of 2009, my name has been changed from "Prasanta Kumar Biswal" to "Prasanta Kumar Parida", my father's name has been changed from "Surendra Kumar Biswal" to "Basanta Kumar Parida" and my mother's name has been changed from "Gitanjali Biswal" To "Sisirabala Parida". Henceforth, I shall be known as "Prasanta Kumar Parida", my father is "Basanta Kumar Parida" and my mother is "Sisirabala Parida" for all future purposes.


# ଦୁର୍ଗାପୂଜା ପାଇଁ ମୟୂରଭଞ୍ଜ ଜିଲ୍ଲା ଚଳଚଞ୍ଚଳ



























































## ଦୋକାନ ଉପରେ ମାଡିଗଲା ଟ୍ରକ; ଜଣେ ମହିଳା; ୫ ଗୁରୁତର

ବାରିପଦା/ସାରସକଣା, ୩୦।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ (ବମ୍ଫେଛକ) ବଜାରରେ ରବିବାର ରାତିରେ ଏକ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୋକାନ ଘରଗୁଡିକ ଉପରେ ମାଡିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୫ରୁ ଉର୍ଦ୍ଧ୍ୱ ଗୁରୁତର ହୋଇ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ୧୮ ନଂ ଓ ୪୯ନଂ ଜାତୀୟ ରାଜପଥର ସଂଯୋଗ ସ୍ଥଳ ଗୋଲେଇ ଉପରେ ଓଭରବ୍ରିଜ ନିର୍ମାଣ ଅଧପାନ୍ତରିଆ ଥିବାବେଳେ ରବିବାର ରାତିରେ ବାରିପଦା ପଟୁ ଜାମଶୋଳା ଅଭିମୁଖେ ଯାଉଥିବା ଏକ ମାଲବୋଝେଇ ଟ୍ରକ ଓଭରବ୍ରିଜ ତଳ ସାରସକଣା ରାସ୍ତାରେ ଭାରସାମ୍ୟ ହରାଇ ପାର୍ଶ୍ୱକୁ ମାଡିଯାଇ ୯ରୁ ଉର୍ଦ୍ଧ୍ୱ ଦୋକାନ ଉପରେ ମାଡିଯାଇଥିଲା। ଫଳରେ ଫଳ ଦୋକାନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୫ରୁ ଉର୍ଦ୍ଧ୍ୱ ଡାକ୍ତରଖାନାରେ ମୃତ୍ୟୁସହିତ ସଂଗ୍ରାମ କରୁଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଶିଶୁ ଥିବା ମଧ୍ୟ ଜଣାପଡ଼ିଛି। ଝାରପୋଖରିଆ ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଟ୍ରକ ଧକ୍କାରେ ବହୁ ବାଇକ୍ ମଧ୍ୟ ଭାଙ୍ଗି ଚୁରମାର ହେଇଯାଇଛି। ପରେ ପୁଲିସ ଟ୍ରକକୁ ଜବତ କରିଛି। ମୋଟରଯାନ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବମ୍ଫେଛକରେ ବେଆଇନ ପାର୍କିଂ ଓ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

## ଟ୍ରାକ୍ଟର ଧକ୍କାରେ ୨ ଯୁବକ ଗୁରୁତର

ମହୁଲଡିହା, ୩୦।୯ (ସମିସ): ମହୁଲଡିହା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର ୩୦୦ ମିଟର ଦୂର ହନୁମାନ ମନ୍ଦିର ଛକରେ ସୋମବାର ସନ୍ଧ୍ୟାରେ ଟ୍ରାକ୍ଟରରେ ପିଟି ହୋଇ ୨ ଯୁବକ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ସାତକୋଶିଆ ଗ୍ରାମ ପଞ୍ଚାୟତ ଅଧୀନ ଜାମୁନଣ୍ଡା ଗ୍ରାମର ରାମ ନାଏକ (୨୫) ଏବଂ ପଦନା ନାଏକ (୨୦) ବାଇକ ଯୋଗେ ମହୁଲଡିହା ସାପ୍ତାହିକ ହାଟରୁ ସନ୍ଧ୍ୟାରେ ଫେରୁଥିବା ବେଳେ ହନୁମାନ ଛକରେ ଏହି ଦୁର୍ଘଟଣା ଘଟିଛି। ଆଗରେ ଗୋଟିଏ ଲଙ୍ଗଳ ଲାଗି ଥିବା ଟ୍ରାକ୍ଟର ହଠାତ ଡାହାଣ ପଟକୁ କାଟିବାରୁ ଲଙ୍ଗଳରେ ପିଟି ହେଲା ବାଇକ। ଖବର ପାଇ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିବା ବେଳେ ରାମଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହିତ ଟ୍ରାକ୍ଟରକୁ ଜବତ କରିଛି।



# ଦୁର୍ଗାଷ୍ଟମୀରେ ଶକ୍ତିଦାୟିନୀଙ୍କୁ ପୂଜା; ଚଳଚଞ୍ଚଳ ଗାଁଠୁ ସହର











କେନ୍ଦୁଝର/ଝୁମ୍ପୁରା, ୩୦।୯(ସମିସ): କେନ୍ଦୁଝର ଜିଲ୍ଲାରେ ଧୁମଧାମରେ ଚାଲିଛି ଶାରଦୀୟ ଦୁର୍ଗାପୂଜା। ଜିଲ୍ଲା ସଦର, ଚମ୍ପୁଆ ଓ ଆନନ୍ଦପୁର ସଦର ଉପଖଣ୍ଡ ସମେତ ବିଭିନ୍ନ ବ୍ଲକ୍ ଏବଂ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ମଙ୍ଗଳବାର ଦୁର୍ଗାଷ୍ଟମୀ ପୂଜା ପାଇଁ ମହିଳାମାନେ ମଣ୍ଡପରେ ପୂଜା କରିଥିଲେ ଶକ୍ତିଦାୟିନୀ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ। ଗାଁଠୁ ସହର ସବୁଠି ଉତ୍ସବର ମାହୋଲ। ରଙ୍ଗୀନ ଆଲୋକ, ସୁଉଚ୍ଚ ତୋରଣ ଓ ପାର୍ଶ୍ୱ ଦେବାଦେବୀଙ୍କୁ ନେଇ ପୂଜାମଣ୍ଡପ ଅଧିକ ଆକର୍ଷଣୀୟ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଆସି ମଧ୍ୟାହ୍ନରେ ଝୁମ୍ପୁରାର ପ୍ରସିଦ୍ଧ ଦୁର୍ଗାପୂଜା ମଣ୍ଡପରେ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ନିକଟରେ ରାଜ୍ୟର ମଙ୍ଗଳ କାମନା କରିଛନ୍ତି। ସନ୍ଧ୍ୟାରେ କେନ୍ଦୁଝର ସହରର ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ବୁଲିବାର କାର୍ଯ୍ୟକ୍ରମ ଥିବାରୁ ପୂଜା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ବୁଧବାର ମହାନବମୀ ପୂଜା ଓ ଗୁରୁବାର ଦଶହରା ପର୍ବ ପାଳନ ହେବ। କେନ୍ଦୁଝର ଦୁର୍ଗାବଜାରରେ ଥିବା ମା' ଦୁର୍ଗାଙ୍କ ମନ୍ଦିରରେ ଷୋଡଶ ଦିନାତ୍ମକ ପୂଜା ପାଳିତ ହେଉଛି।

**ଆନନ୍ଦପୁର:** ଆନନ୍ଦପୁର ବଡ଼ଦାଣ୍ଡଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ୭୮ତମ ବର୍ଷରେ ଅଷ୍ଟମୀ ପୂଜା ଆରମ୍ଭ ହୋଇଥିଲା। କମିଟିର ସଦସ୍ୟ ରାମଚନ୍ଦ୍ର ସାହୁ, ପ୍ରସନ୍ନ ମିଶ୍ର, ଅସିତ ନାୟକ, ସନ୍ଦିପ ଦାଶ, ଦେବବ୍ରତ ଖୁଣ୍ଟିଆ, ଟୁମା ରାମ ପ୍ରମୁଖ ସହଯୋଗ କରିଥିଲେ। ଚାନ୍ଦ ସାହିରେ ବଙ୍ଗାଳୀ ସମ୍ପ୍ରଦାୟ ପକ୍ଷରୁ ଦୀର୍ଘ ୫୦ରୁ ଅଧିକ ବର୍ଷ ଧରି ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ପଦ୍ମପୁର ସାର୍ବଜନୀନ କମିଟି ପକ୍ଷରୁ ଚତୁର୍ଥ ବର୍ଷରେ ପୂଜା ଚାଲିଥିଲା ବେଳେ ଫକୀରପୁରର ଆଦ୍ୟ ଦୁର୍ଗାଦେବୀଙ୍କ ପୂଜା ୧୫୮ ବର୍ଷର। ୨୦୧୨ରୁ ଚାନ୍ଦି ମେଢ଼ରେ ପୂଜା ପାଇଆସୁଛନ୍ତି ମା'। ସେହିପରି ଘସିପୁରା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଥାନା ସମ୍ମୁଖରେ ପୂଜା ଆରମ୍ଭ ହୋଇଛି।

**ଯୋଡ଼ା:** କେନ୍ଦୁଝର ଜିଲ୍ଲା ଯୋଡା ଖଣି ଅଞ୍ଚଳର ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ବରିଷ୍ଠ ପୂଜକ ରଜନୀକାନ୍ତ ଦାସ, ସ୍ମୃତିରଞ୍ଜନ ଦାସ ଓ ପ୍ରତାପ ଦାସ କହିଛନ୍ତି ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି। ବିଛାକୁଣ୍ଡି, ଜରିବାହାଲ ପ୍ରଭୃତି ଅଞ୍ଚଳରେ ଆଦିବାସୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ଓ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଉଛି। ଜୁରୁଡ଼ି ଓ ବିଛାକୁଣ୍ଡିରେ ନିଶୁଳ୍କ ଯାତ୍ରା ପରିବେଷଣ କାର୍ଯ୍ୟକ୍ରମ ରହିଛି।

**ରାମଚନ୍ଦ୍ରପୁର:** ଘସିପୁରା ବ୍ଲକ ବାତୋ ପଞ୍ଚାୟତ ଅତା ଗ୍ରାମରେ ୬୯ ବର୍ଷଧରି ଦୁର୍ଗାପୂଜା ବଡ ଆନନ୍ଦ ଉଲ୍ଲାସରେ ପାଳନ କରାଯାଉଛି। ପୂଜକ ରବିନ୍ଦ୍ର ଶତପଥୀ, ପ୍ରଦ୍ୟୁମ୍ନ ମିଶ୍ର, ଜ୍ୟୋତିଷ ମାଧବନନ୍ଦ ନାୟକ ପୂଜାର୍ଚ୍ଚନା କରୁଥିବା ବେଳେ ପୂଜାରେ ମୁଖ୍ୟ କର୍ତ୍ତା ଭାବେ ଅଭିମନ୍ୟୁ ନାଥ ଏବଂ ତାଙ୍କ ପତ୍ନୀ ରତ୍ନମଣୀ ନାଥ ରହିଛନ୍ତି। ରାବଣ ପୋଡ଼ି ପାଇଁ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। କମିଟିର କର୍ମକର୍ତ୍ତା ସହଯୋଗ କରୁଥିଲା ବେଳେ ଏହି ପୂଜା ଗାଁରେ ଭାଇଚାରର ଏକ ବଳିଷ୍ଠ ନିଦର୍ଶନ ବୋଲି ଜଣାପଡିଛି।

**ହାଟଡ଼ିହୀ:** ହାଟଡିହୀ ବ୍ଲକ୍ ହାଟଡ଼ିହୀ ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ଅବସରରେ ମହାଷ୍ଟମୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଉପେନ୍ଦ୍ରନାଥ ମଲ୍ଲିକଙ୍କ ଉଦ୍ୟମରେ ଆଜକୁ ୮୧ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ଏହି ଦୁର୍ଗାପୂଜା। ପୂଜାରେ ସନ୍ତୋଷ କୁମାର ମଲ୍ଲିକ ଏବଂ ତାଙ୍କ ଧର୍ମପତ୍ନୀ ସୌଦାମିନୀ ମଲ୍ଲିକ କର୍ତ୍ତା ଥିବା ବେଳେ ଭବ୍ୟ କଳସ ଶୋଭାଯାତ୍ରା ପରେ ପଣ୍ଡିତ ନରହରି ପଣ୍ଡା ଓ ବ୍ରଜବନ୍ଧୁ ପଣ୍ଡାଙ୍କ ଦ୍ୱାରା ମା'ଙ୍କ ପୂଜା କରାଯାଉଛି। ଗ୍ରାମବାସୀ ସହଯୋଗ କରିଥିଲେ।



ଦିଲ୍ଲୀସ୍ଥିତ ସାହାପୁର ଜାଟ ଦୁର୍ଗା ମଣ୍ଡପରେ ବୀଣାପାଣି କଳା ନିକେତନ କଳାକାର

## ଡିଡି ମେଡିକାଲରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ

କେନ୍ଦୁଝର, ୩୦।୯(ସମିସ): ସ୍ୱଚ୍ଛତା ହିଁ ସେବା ଅଭିଯାନ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମରେ ପରିସର ଏବଂ ଏହାର ସମ୍ମୁଖ ଭାଗରେ ଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା। ଅଧୀକ୍ଷକ ପ୍ରଫେସର ମହେନ୍ଦ୍ର କୁମାର ନାୟକ, ହସପିଟାଲ ମ୍ୟାନେଜର ରାଜା ପ୍ରଧାନ, ଏଲ୍‌ଏଣ୍ଡକେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର, ସୁପରଭାଇଜର ଅନ୍ତର୍ଯ୍ୟାମୀ ବେହେରା, ମହେଶ ମୁଖିଙ୍କ ସମେତ ମେଡିକାଲ କଲେଜର ବହୁ କର୍ମଚାରୀ ସାମିଲ ହୋଇଥିଲେ। ପ୍ଲାଷ୍ଟିକ ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ନ କରି କାଗଜରେ ପ୍ରସ୍ତୁତ ଏବଂ ଝୋଟରେ ପ୍ରସ୍ତୁତ ବ୍ୟାଗ, ଶାଳପତ୍ରରେ ପ୍ରସ୍ତୁତ ଚଉପତି, ଖଲି, ପ୍ଲେଟ ଇତ୍ୟାଦି ବ୍ୟବହାର ପାଇଁ ଦୋକାନୀଙ୍କୁ ସଚେତନ କରାଯାଇଥିଲା। ମେଡିକାଲକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ସଚେତନ କରାଯାଇ ମେଡିକାଲ ପରିସରରେ ଥିବା ଡଷ୍ଟବିନ୍‌ରେ ଅଳିଆ ଆବର୍ଜନା ପକାଇବାକୁ କୁହାଯାଇଥିଲା। ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ।



### ୬୩ ବର୍ଷର କଳିଙ୍ଗ ଦଶହରା ପାଳନ

## ଘୋର ଅବ୍ୟବସ୍ଥାରେ ଜିଲ୍ଲାର ବ୍ୟୟବହୁଳ ଦୁର୍ଗାପୂଜା

● ରାସ୍ତା ଅବରୋଧ କରୁଛି ତୋରଣ, ବେଆଇନ ଲାଗିଛି ଦୋଳିର ପସରା

ବଡ଼ବିଲ, ୩୦।୯(ସମିସ): କେନ୍ଦୁଝର ଜିଲ୍ଲାର ସବୁଠୁ ବ୍ୟୟବହୁଳ କଳିଙ୍ଗ ଦୁର୍ଗାପୂଜାରେ ଯାବତୀୟ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏହି ପୂଜାରେ ଓଡ଼ିଶା ସମେତ ପଡୋଶୀ ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ପଶ୍ଚିବଙ୍ଗ ରାଜ୍ୟରୁ ବ୍ୟବସାୟୀ ବ୍ୟବସାୟ କରିବାକୁ ଆସୁଥିବାବେଳେ, ଅଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ୧୯୬୨ରେ ଫଟୋ ପୂଜାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ୧୯୬୮ରୁ ମୂର୍ତ୍ତି ପୂଜାର ରୂପ ନେଇଥିଲା। ୩୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଆୟୋଜିତ ଏହି ପୂଜାରେ ୨୨୦ରୁ ଅଧିକ ଷ୍ଟଲ ନିର୍ମାଣ କରାଯାଇ ବିଭିନ୍ନ ପ୍ରକାର ଖାଦ୍ୟ ପାନୀୟ, ହସ୍ତକଳା, ମିନାବଜାର, ହ୍ୟାଣ୍ଡଲୁମ ଓ ପୁରୀରୁ ଆସିଥିବା ଶଙ୍ଖ, ପିତଳ ବାସନ ଭଳି ଭଳିକି ଭଳି ସାମଗ୍ରୀ ପସରା ମେଲିଛି। ସାଧାରଣ ଖାଦ୍ୟଠାରୁ ଆରମ୍ଭ କରି ଦୋଳି ଓ ଗାଡି ପାର୍କିଙ୍ଗ ପାଇଁ ଦାମ ନିଆଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ପୂଜା କମିଟି ବଡ଼ବିଲ-ବୋଲାଣୀ ମୁଖ୍ୟରାସ୍ତା ଉପରେ ରାସ୍ତାକୁ ଅବରୋଧ କରି ଦୁଇଟି ଗେଟ୍ ନିର୍ମାଣ କରିଥିବାରୁ ଏହା ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ପ୍ରତ୍ୟେକ ଦିନ ଶହ ଶହ ୪ ଚକିଆ ଯାନରେ ଲୋକେ ମେଳା ବୁଲିବାକୁ ଆସୁଥିବାବେଳେ, ରାସ୍ତାକୁ ଅବରୋଧ କରି ଗେଟ୍ ନିର୍ମାଣ ହୋଇଥିବାରୁ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି। ଗତବର୍ଷ ରାଉରକେଲାଠାରେ ଦୋଳି ଦୁର୍ଘଟଣା ହେବା ପରେ କଳିଙ୍ଗରେ ଅନୁମତି ନ ମିଳିବାରୁ ଦୋଳି ଚାଲି ପାରି ନ ଥିଲା। ଅନ୍ୟପଟେ ଏହି ମେଳାକୁ ଆସିଥିବା ରାମ ଦୋଳିଠାରୁ ଆରମ୍ଭ କରି ଡଙ୍ଗାଦୋଳି ସହ ଅନ୍ୟାନ୍ୟ ଦୋଳି ଚଳାଇବାପାଇଁ କୌଣସି ଅନୁମତି ନଥିବାବେଳେ, ବିଭାଗୀୟ ଅଧିକାରୀ(ପିଡବ୍ଲୁଡି)ଙ୍କ ଫିଟନେସ ଅନୁମତି ମଧ୍ୟ ନଥିବା ଜଣାଯାଇଛି। ଫଳସ୍ୱରୂପ କୌଣସି ମୁହୂର୍ତ୍ତରେ ଏକ ବଡ ଧରଣର ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ। ଏ ବିଷୟରେ ପିଡବ୍ଲୁଡି ଏସଡିଓ ଉମାକାନ୍ତ ବେହେରା କହିଥିଲେ ଯେ ଆମେ ଦୋଳି ଚଲେଇବା ପାଇଁ କୌଣସି ଅନୁମତି ଦେଇନାହୁଁ।



## ୮୦୭ ଗାଁରେ ଆଦି କର୍ମଯୋଗୀ ଅଭିଯାନ



କେନ୍ଦୁଝର, ୩୦।୯(ସମିସ): ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲା ପ୍ରଭାରୀ ୨୯ ଏବଂ ୩୦ ତାରିଖ ଦୁଇଦିନିଆ କେନ୍ଦୁଝର ଗସ୍ତରେ ଆଦି ୩ଟି ବ୍ଲକର ଟାଙ୍ଗରପଳସା, ହଳଦିଆଟାଙ୍ଗିରୀ ଏବଂ ବକ୍ସବାରିଗାଁ ଆଦି ଆଦିବାସୀ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଗ୍ରାମ୍ୟ କାର୍ଯ୍ୟକ୍ରମ, ଫୋକସଡ ଗ୍ରୁପ ସହ ଆଲୋଚନା କରିଥିଲେ। ଘଟଗାଁ, ହରିଚନ୍ଦନପୁର ଏବଂ କେନ୍ଦୁଝର ସଦର ବ୍ଲକର ଆଦିବାସୀ ବହୁଳ ଗ୍ରାମଗୁଡ଼ିକରେ ଆଦି ସେବାକେନ୍ଦ୍ର ସ୍ଥାପନ ଦ୍ୱାରା କେନ୍ଦ୍ର ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ଠିକ୍ ସମୟରେ ଏବଂ ସହଜରେ ପହଞ୍ଚି ପାରିବ ସେନେଇ ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲା ପ୍ରଭାରୀ ସତୀଶ କୁମାର ସିଂହ ଲୋକଙ୍କ ସହ ଆଲୋଚନା କରିଥିଲେ। ୨୦୩୦ ବିକଶିତ ଭାରତକୁ ଆଖି ଆଗରେ ରଖି ଉକ୍ତ ଗ୍ରାମ ଗୁଡିକର ସମସ୍ତ ପ୍ରକାର ଭିତ୍ତିଭୂମିର ବିକାଶ ପାଇଁ ଅକ୍ଟୋବର ୨ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ସ୍ୱତନ୍ତ୍ର ପଲ୍ଲୀସଭା ମାଧ୍ୟମରେ ଯୋଜନା ଖସଡା ପ୍ରସ୍ତୁତ କରାଯାଇ ପାରିତ କରାଯିବା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲା ପ୍ରଭାରୀ ସତୀଶ ସିଂହ କେନ୍ଦୁଝର ଗସ୍ତ ସମୟରେ କେନ୍ଦୁଝର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ଜୁଆଙ୍ଗ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ତଥା ଆଇଟିଡିଏର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମନୋରଞ୍ଜନ ବେହେରା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନ ଏବଂ ଏଫ୍‌ଇଏସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଦି କର୍ମଯୋଗୀ ଅଭିଯାନରେ କେନ୍ଦୁଝର ୧୩ଟି ବ୍ଲକର ୮୦୭ଟି ଗ୍ରାମ ହାତକୁ ନିଆଯାଇ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଛି।

## 'ଚାରିଧାମ' ଚଳଚ୍ଚିତ୍ରରେ ଆନନ୍ଦପୁରର ମାମାଲି



ଆନନ୍ଦପୁର, ୩୦।୯ (ସମିସ): ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ଶୈଳଙ୍ଗ ମିଲସାହିର ସ୍ୱର୍ଗତ ଭାଗବତ ସାହୁ ଓ ଅନିତା ସାହୁଙ୍କ ସାନ ଝିଅ ମାମାଲି ସାହୁ (୨୬) ଦଶହରା ଉପଲକ୍ଷେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ଚାରିଧାମ'ରେ ନଜରକୁ ଆସିଛନ୍ତି। ସେ ସ୍ୱଳ୍ପ ସମୟ ପାଇଁ ଖଳନାୟିକା ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଛନ୍ତି। ମାମାଲି ପୂର୍ବରୁ 'ଲୋକ ନକଲି କଥା ଅସଲି'ରେ ଅଭିନୟ କରିଛନ୍ତି। ଏହାଛଡ଼ା 'ଆଭା' ଚଳଚ୍ଚିତ୍ର, ଦୁର୍ଗା, ବସୁଧା, ସମେତ ଅନେକ ଟେଲିଫିଲ୍ମରେ ଉଚ୍ଚକୋଟିର ଅଭିନୟ କରିଛନ୍ତି। କଳାକାର ସଂଘ ସମ୍ପାଦକ ରାଜକିଶୋର ସାହୁ, ଉପସଭାପତି ଗୟାଧର ପତି, ସଙ୍ଗୀତ ଗୁରୁ ମନୋଜ ପତି, କୈଳାସଚନ୍ଦ୍ର ନାହାକ, ଅନାଦି ସା, ମନୋଜ ମହାନ୍ତି, ବଳରାମ ଜେନା, ରଞ୍ଜନ ଅଧିକାରୀ, ଅନିଲ ସାହୁ, ପ୍ରଦୀପ ରାମ, ବାସୁଦେବ ଅଧିକାରୀ, ପ୍ରହଲ୍ଲାଦ ସେଠୀ, ବୃନ୍ଦାବନ ସ୍ୱାଇଁ, କଣ୍ଠଶିଳ୍ପୀ ମଦନ ପାଣି, ବ୍ରଜବନ୍ଧୁ ଦାଶ, ନିଶିକାନ୍ତ ନାହାକ, ସୁଦାମ ନାହାକ, ସ୍ମୃତିରେଖା ନାହାକ, ସୁଦର୍ଶନ ରଣା, ବିଦିଶା ଚକ୍ରବର୍ତ୍ତୀ ଓ ଆୟେଶା ଚକ୍ରବର୍ତ୍ତୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବୈତରଣୀ ଗୌଡ଼ଡିହା ଘାଟରୁ ବାଲି ଚୋରି



ଆନନ୍ଦପୁର, ୩୦।୯ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଇଲାକାର ଗୌଡ଼ଡିହା ଘାଟରୁ ବାଲି ଚୋରାଚାଲାଣ ଚରମସୀମାରେ ପହଞ୍ଚିଛି। ବୈତରଣୀ ନଦୀରୁ ବାଲି ଚାଲାଣ ହେଉଥିବା ରାସ୍ତା ସାଧାରଣ ଲୋକଙ୍କ ପାଇଁ ବିପଦପୁର୍ଣ ହୋଇପଡିଛି। ପୁଲିସ ଓ ଲଘୁଖଣିଜ ବିଭାଗର ଅପାରଗତା ଯୋଗୁଁ ରାତିରେ ହାଇୱା ଯୋଗେ ଟ୍ରିପ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ୫ରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ପରିବହନ ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯଇଥିଲେ ମଧ୍ୟ ଆନନ୍ଦପୁରରେ କୌଣସି କଟକଣାକୁ ଖାତିର କରୁନାହାନ୍ତି। କେତେକ ମୁଷ୍ଟିମେୟ ଲୋକ ସ୍ଥାନୀୟ ଲୋକମାନଙ୍କୁ ହାତ କରି ଘାଟରୁ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଗୌଡ଼ଡିହାଘାଟରୁ ରାତିରେ ବାଲି ଚୋରା ଚାଲାଣ ସମ୍ପର୍କରେ କେନ୍ଦୁଝର ଜିଲ୍ଲାପାଳ, ଏସ୍‌ପି ଓ ଲଘୁଖଣିଜ ବିଭାଗକୁ କେତେକ ସଚେତନ ନାଗରିକ ଅବଗତ କରିଥିବା କହିଛନ୍ତି।

















## ମା' ଦୁର୍ଗାଙ୍କ ମହାଷ୍ଟମୀ ପୂଜା

**ବାଲେଶ୍ୱର,୩୦।୯ (ସମିସ):** ମହାସପ୍ତମୀରେ ପ୍ରଥମ ପୂଜା ପରେ ପବିତ୍ର ମହାଷ୍ଟମୀରେ ସବୁଠି ଶ୍ରଦ୍ଧା ଓ ଭକ୍ତିର ସହ ଦୁର୍ଗତି ନାଶିନୀ ମା' ଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜା ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳୁ ସହରରେ ଥିବା ଫକୀରମୋହନ ଗୋଲେଇ, ଷ୍ଟେସନ ଛକ, ହେମକାପଡା ଛକ,ମାକଲପୁର ଛକ, ଆଜିମାବାଦ, ଫାଣ୍ଡିଛକ, ପୁଲିସ ଲାଇନ ଛକ, ଆଇଟିଆଇ ଛକ, ସିନେମା ଛକ, ଗଡଗଡିଆ ଛକ ଆଦି ବିଭିନ୍ନ ସ୍ଥାନରେ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ଠାରେ ଶ୍ରଦ୍ଧାଳୁମାନେ ମହାଷ୍ଟମୀ ପୂଜା ଓ ବ୍ରତ ପାଳନ କରିଛନ୍ତି। ବାଲେଶ୍ୱରରେ ଦୂର୍ଗାପୂଜାର ନିଆରା ପରମ୍ପରା ହେଉଛି ଦେବୀଙ୍କୁ ଡାଲା ଅର୍ପଣ। ମହାଷ୍ଟମୀ ପୂଜା ପରେ ମା'ଙ୍କ ସନ୍ଧିପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାସ୍ତ୍ରବିଧି ଅନୁଯାୟୀ ପାଣି କଖାରୁ, ବିରି, କାକୁଡି ପ୍ରଭୃତିକୁ ବଳି ସ୍ୱରୁପ ଉତ୍ସର୍ଗ କରାଯାଇଥିଲା। ସେହିପରି ମହାଷ୍ଟମୀରେ ମା'ଙ୍କ ସନ୍ଧ୍ୟା ଆରତୀ ଦର୍ଶନ ପାଇଁ ପ୍ରତ୍ୟେକ ମଣ୍ଡପରେ ଭକ୍ତଙ୍କର ସୁଅ ଛୁଟିଥିଲା।








### ମହାଷ୍ଟମୀରେ ବାଲେଶ୍ୱରରେ ପ୍ରସିଦ୍ଧ ବାଡି ଖେଳ

# ୨୭ଟି ଆଖଡ଼ା ଦଳର ବାଡ଼ି ଖେଳ ପ୍ରଦର୍ଶନ




**ବାଲେଶ୍ୱର, ୩୦।୯ (ସମିସ)**

ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ବାଲେଶ୍ୱର ସହର ଉତ୍ସବ ମୁଖରିତ ହୋଇ ଉଠିଛି। ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ପାଇକ ଆଖଡା ବାଡି ଖେଳର ଅନନ୍ୟ ଝଲକ ଦେଖିବାକୁ ମିଳିଛି। ବାଲେଶ୍ୱର ନଳମଗଞ୍ଜସ୍ଥିତ ମହାବୀର ହନୁମାନ ମନ୍ଦିରରେ ମହାବୀର ସଂଘ ପକ୍ଷରୁ ପ୍ରଥମେ ବୀର ହନୁମାନଙ୍କୁ ସଲାମୀ ଅର୍ଥାତ ପୂଜାର୍ଚ୍ଚନା କରି ଆଖଡା ବା ବାଡି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାବୀର ସଂଘ ପକ୍ଷରୁ ଏହି ବାଡି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ପରେ ପରେ ୨୭ଟି ଆଖଡା ଦଳ ସୁସଜ୍ଜିତ ପଟୁଆରରେ ଆସି ସେମାନଙ୍କର ବାଡିଖେଳ ପ୍ରଦର୍ଶନ କରିଥିଲେ। ସୁଏଲପୁର, ମଠସାହୀ, ଗୋପାଳଗାଁ, ପାତ୍ରପଡା, ପୁରୁଣାବାଲେଶ୍ୱର, ଔପାଳ, ବାରିଙ୍ଗିଆ, ଇଶାଣୀସ୍ଥିତ ମହାବୀର ପାଇକ ଆଖଡା, କଳିଙ୍ଗ ପାଇକ ଆଖଡା, ଯାଦବ ସେନା, ବରିଷ୍ଠ ନାଗରିକ ଆଦି ୨୭ଟି ଆଖଡା ସଂଘ ପକ୍ଷରୁ ପଟୁଆରରେ ଆସି ମହାବୀର ହନୁମାନ ମନ୍ଦିର ସମ୍ମୁଖରେ ସେମାନଙ୍କ କଳା ନୈପୂଣ୍ୟ ପ୍ରଦର୍ଶନ କରିଥାଆନ୍ତି। ବାଲେଶ୍ୱରରେ ପ୍ରଥମେ୧୯୨୫ମସିହାରେ ଏହି ବାଡିଖେଳ ଆରମ୍ଭ ହୋଇଥିଲା। ସେବେଠାରୁ ଏହି ପରମ୍ପରା ଅନୁଷ୍ଠିତ ହୋଇଆସୁଛି। ବାଡି ଖେଳ ପାଇଁ ମହାବୀର ହନୁମାନ ମନ୍ଦିର ପ୍ରାଙ୍ଗଣରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲିକ୍ଷିତ ହୋଇଥିଲା। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଭାବେ ପ୍ରସ୍ତୁତି କରାଯାଇଥିଲା। ଦଶମୀ ଦିନ ସିନେମା ଛକ ଠାରେ ପୁନର୍ବାର ଏହି ଆଖଡା ଦଳ କଳା ପ୍ରଦର୍ଶନ କରିବେ। ଆଖଡା ସ୍ଥଳରେ ମହାସଂଘର ସଭାପତି ଗୋପୀନାଥ ଶତପଥି, ସଂଘର ଉପସଭାପତି ମନୋଜ କୁମାର ରାଉତ, ସଂଘର ସମ୍ପାଦକ ମନୋଜ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ● ସରବଣୀ ଦୁର୍ଗାପୂଜା କମିଟି ତରଫରୁ କ୍ରିକେଟ ପ୍ରତିଯୋଗିତା

# ଶୁଭମ ୧୧ ଷ୍ଟାର ଚନ୍ଦନେଶ୍ୱର ଚାମ୍ପିଅନ




ଚନ୍ଦନେଶ୍ୱର, ୩୦।୯ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତର ସରବଣୀ ଦୂର୍ଗାପୂଜା କମିଟି ଦ୍ୱାରା ରବିବାର ଓ ସୋମବାର ସଟପିଚ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଉକ୍ତ କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଶିକ୍ଷାବିତ ଶମ୍ଭୁନାଥ ଜେନା ଉଦଘାଟନ କରିଥିଲେ । ନିର୍ଣ୍ଣାୟକ ମ୍ୟାଚରେ ସୁଭମ ୧୧ଷ୍ଟାର ଚନ୍ଦନେଶ୍ୱର ବିଜୟଲାଭ କରି ଚାମ୍ପିଅନ ହୋଇଥିବା ବେଳେ ହିନ୍ଦ କ୍ଲବ ନଇଛନପୁର ରନର୍ସଅପ ହୋଇଥିଲା। ମୁଖ୍ୟଅତିଥି ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମାଜସେବୀ ଚନ୍ଦନ କୁମାର ପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ଅନନ୍ତ ମହାନ୍ତି, ପୂଜାକମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର, ଜେନା, କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, କମିଟି ତରଫରୁ କ୍ରିଡା ଦାୟିତ୍ୱରେ ଥିବା ଜଗନ୍ନାଥ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ଜେନା, ଯଜ୍ଞେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ। ଶିବ ଶଙ୍କର ମହାନ୍ତି ଓ ନିହାର ରଞ୍ଜନ କ୍ରୀଡା ପରିଚାଳନା କରିଥିବା ସହିତ ପରମେଶ୍ୱର ଭଞ୍ଜ, କୁଷଧ୍ୱଜ ପରିଡ଼ା, ଗୋବିନ୍ଦ ପାତ୍ର, ଧରଣୀଧର ପ୍ରଧାନ, ରବୀନ୍ଦ୍ର ଜେନା, ସୁଶାନ୍ତ ଜେନା, ମନୋରଞ୍ଜନ ମହାନ୍ତି ପ୍ରମୁଖ ଓ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


# ଗରସଙ୍ଗରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଖଇରା, ୩୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ଗରସଙ୍ଗ ସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଖିଲାର ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ପତ୍ରୀ,ସମ୍ମାନନୀୟ ଅତିଥି ଭାବେ ବୁଦ୍ଧିରାମ ପାଣିଗ୍ରାହୀ, ଗଜେନ୍ଦ୍ର ସେନାପତି ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶିବ ପ୍ରସାଦ ବଳ ସ୍ୱାଗତ ଭାଷଣ ଓ ବିଜୟବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିମ୍ବାଧର ଦ୍ୱିବେଦୀ ଓ ପ୍ରଦ୍ୟୁମ୍ନ ନାୟକ ମିଶନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ବାରିପଦା ଉତ୍ସବ ମୁଖର; ମା'ଙ୍କ ନବମୀ ପୂଜା ଆରମ୍ଭ





ନବରାତ୍ରରେ ମା' ଅମ୍ବିକାଙ୍କ ସିଦ୍ଧିଦାତ୍ରୀ ରୂପ



**ବାରିପଦା, ୩୦।୯ (ସମିସ):** ଚଳିତବର୍ଷ ମା'ଙ୍କ ଆଗମନରେ ବାରିପଦା ସହରର ଉତ୍ସବ ମୁଖର ହୋଇଉଠିଛି। ସହର ତଥା ଆଖପାଖରେ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପୀଠରେ ପ୍ରତିମା ପୂଜା ଜାରି ରହିଛି। ପଞ୍ଜିକା ଅନୁସାରେ ମଣ୍ଡପରେ ମଙ୍ଗଳବାର ସକାଳୁ ମହାଷ୍ଟମୀ ପୂଜା ଆରମ୍ଭ ହୋଇଥିଲା। ସକାଳୁ ପୂଜାଡାଲା ସହିତ ଉପବାସ କରିଥିବା ଭକ୍ତମାନେ ମା'ଙ୍କ ପାଖରେ ପହଞ୍ଚି ସଙ୍କଳ୍ପ କରିବା ସହିତ ପୂଜା ସାରି ପୁଷ୍ପାଞ୍ଜଳି ଦେଇଛନ୍ତି। ଏହାପରେ ସନ୍ଧ୍ୟା ୬ଟାରୁ ପାରମ୍ପରିକ ରୀତିନୀତି ଅନୁସାରେ ବ୍ରାହ୍ମଣ କର୍ତ୍ତାଙ୍କ ସହିତ ନବମୀର ସନ୍ଧିପୂଜା ଆରମ୍ଭ କରିଛନ୍ତି। ଗୁରୁବାର ବିଜୟାଦଶମୀ। ସହରର ୨/୩ଟି ମଣ୍ଡପକୁ ଛାଡିଦେଲେ ବାକି ମଣ୍ଡପର ଭସାଣି ସେହିଦିନ ହୋଇଥାଏ। ଚଳିତବର୍ଷ ଶୁକ୍ରବାର ଭସାଣି ଅନୁଷ୍ଠିତ ହେବ। ବୁଢାବଳଙ୍ଗ ନଦୀ ତଟରେ ଏକ କୃତ୍ରିମ ପୋଖରୀ ନିର୍ମାଣ କରାଯାଇ ମୂର୍ତ୍ତି ବିସର୍ଜନ କରାଯିବ। ପୂଜା ମଣ୍ଡପଗୁଡିକ ଆକର୍ଷଣୀୟ ସାଜସଜ୍ଜା ଓ ଆଲୋକମାଳାରେ ଝଲସୁଛି। ଅନୁକୂଳ ପାଗପାଇଁ ଲୋକଙ୍କ ଗହଳି ଲାଗିଛି। ତୁଳସୀଚଉରା, ପାଲବଣି, ତକତପୁର, ମଧୁବନ ଓ ମୁର୍ଗାବାଡି ତୋରଣ ଏଥର ସମସ୍ତଙ୍କୁ ଆକର୍ଷଣ କରିଛି। ସେହିପରି ସହିଦ ପଡ଼ିଆ, ବଡବଜାର ଟାଉନ ଥାନା ନିକଟ, ଷ୍ଟେସନ ବଜାର, ପୌରପରିଷଦ କାର୍ଯ୍ୟାଳୟ ପରିସର, ଫ୍ରେଜର ହଷ୍ଟେଲ ସମ୍ମୁଖ, ବଡବଜାରର ଶ୍ରୀରାଧାମୋହନ ମନ୍ଦିର ମାଉସୀ ବାଡି, ସୁନାମୁହିଁ ଦୁର୍ଗାପୂଜା, ବଡବଜାରର ଶୀତଳା ମନ୍ଦିର ନିକଟ ବନଦୁର୍ଗା ମେଢ, କୃଷ୍ଣଚନ୍ଦ୍ର ଗୋଲେଇ ଏବଂ ଦାରୋଗାଡାହି ଗୋଲେଇ, ଭଞ୍ଜପୁର, କମଳାନେହରୁ ବାଳିକା ହାଇସ୍କୁଲ ନିକଟ, ଲାଲବଜାର, ବାରୁଣୀରୋଡ, ବାଘଡାରୋଡ, କ୍ଷେତ୍ରପାଟଣା ଓ ବେଲଗଡ଼ିଆ ଆଦି ବିଭିନ୍ନ ସ୍ଥାନରେ ଜନଗହଳି ଲାଗିରହିଛି। କଲେଜ ଛକ ଓ ଦୋଳିପଡ଼ିଆରେ ହରପାର୍ବତୀ ପୂଜା ମେଢ ସହିତ ପ୍ରଥମ ଥର ପାଇଁ ହେଉଥିବା ବାଘଡାରୋଡ ମହାବୀର ଦୁର୍ଗାପୂଜା ମଣ୍ଡପ ଏବଂ ମା' ଅମ୍ବିକା ମନ୍ଦିର ସହିତ ବିଭିନ୍ନ ପୀଠରେ ଚଣ୍ଡୀପାଠର ସୁଲଳିତନାଦ ପରିବେଶକୁ ଆଧ୍ୟାତ୍ମିକ ଭାବବେଗରେ ନିମଜ୍ଜିତ କରିଛି। ଦଶହରା ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମଧ୍ୟରେ ବାରିପଦାର ପ୍ରସିଦ୍ଧ ଦୋଳାଖେଚୁଡି, ରାମରୋଚକ ଅନ୍ନଭୋଗ ବଣ୍ଟନ, ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।












## ଓପିଏସ୍ ପରୀକ୍ଷାରେ ଜୟଶ୍ରୀଙ୍କୁ ୨୩୧ ର୍ୟାଙ୍କ



**ବାରିପଦା/ବଡ଼ସାହି, ୩୦।୯ (ସମିସ):** ବଡ଼ସାହି ବ୍ଲକ କଇଁଶାଳି ଗ୍ରାମର ବିଶ୍ୱଜିତ ଦଳେଇ ଓ କଳ୍ପଲତା ଦଳେଇଙ୍କ କନ୍ୟା ଜୟଶ୍ରୀ ଦଳେଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା -୨୦୨୩ରେ ୨୩୧ ର୍ୟାଙ୍କ ପାଇ କୃତକାର୍ଯ୍ୟ ହୋଇଛନ୍ତି। ସେ ଜଣେ ଅଧ୍ୟବସାୟୀ ମେଧାବୀ ଛାତ୍ରୀ ଥିଲେ। ସେ ୨୦୦୭ ମସିହାରେ ବଡ଼ସାହି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୨୦୦୯ରେ ବଡ଼ସାହି ପିଏସ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀ, ୨୦୧୨ରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯୁକ୍ତ ତିନିରେ ରସାୟନ ବିଜ୍ଞାନ ସମ୍ମାନ ସହ ପ୍ରଥମ ଶ୍ରେଣୀ ଏବଂ ୨୦୧୪ରେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଟପ୍ପର ହୋଇଥିଲେ। ବିବାହ ପରେ ତାଙ୍କ ଶଶୁର ଘର ଲୋକେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଉତ୍ସାହିତ କରିଥିଲେ। ସେ ଏହି ପରୀକ୍ଷାରେ ସେ ଦୁଇ ଦୁଇ ଥର ବିଫଳ ହେଲେବି ହାରମାନି ନଥିଲେ। ପରିବାର ବର୍ଗଙ୍କ ପ୍ରେରଣା ଓ ଉତ୍ସାହ ଯୋଗୁଁ ସେ ସଫଳ ହୋଇଛନ୍ତି ବୋଲି କହିଛନ୍ତି। ଏହି ସଫଳତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ, ପରିବାରବର୍ଗ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି।

## ଦୁର୍ଗା ପୂଜାରେ ମାତିଲେଣି ଛିନ୍‌ତାଇ ଗ୍ୟାଙ୍ଗ

**ବାରିପଦା, ୩୦।୯ (ସମିସ):** ବାରିପଦା ସହରର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦୁର୍ଗା ପୂଜା ସମୟରେ ପୁଣି ଛିନତାଇ ଗ୍ୟାଙ୍ଗଙ୍କ ଉପଦ୍ରବ ଆରମ୍ଭ ହୋଇଛି। ବାରିପଦା ସହରରେ ପୂଜା ଭିଡ଼ରେ ଦୁର୍ବୃତ୍ତମାନେ ଛିନତାଇ କରିଛନ୍ତି। ଭିଡର ସୁଯୋଗ ନେଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ସୁନାହାର ଛିନତାଇ କରିଛନ୍ତି। ଏନେଇ କାଳିକାପୁର ଅଞ୍ଚଳର ସନ୍ଦୀପ୍ତ ଶଙ୍କର ହୋତା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ମା ଓ ସ୍ତ୍ରୀ ସହ ବାରିପଦା ବଜାରକୁ ଆସିଥିଲେ। ସେଠାରୁ ବାହାରିଲା ବେଳକୁ ଦୁର୍ବୃତ୍ତମାନେ ଛିନତାଇ କରି ଚମ୍ପଟ ମାରିଛନ୍ତି। ତାଙ୍କ ମା' ରାସ୍ତା କଡରେ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ପରେ ଏନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସିସି ଟିଭି ସହାୟତାରେ ପୁଲିସ ଯାଞ୍ଚ ଚଳାଇଛି।

## କବିତା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଦାଣ୍ଡିଆ ଉତ୍ସବ



**କରଞ୍ଜିଆ, ୩୦।୯ (ସମିସ):** ନବରାତ୍ରି ଉତ୍ସବ ଅବସରରେ ରାମ ଭାଟିକା ପ୍ରେକ୍ଷାଳୟରେ କବିତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦାଣ୍ଡିଆ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା, ସାମାଜିକ କର୍ମୀ ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ, ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ଓ ଗୁରୁ କହ୍ନେଇ ନାଏକ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। କରଞ୍ଜିଆରେ ପ୍ରଥମ କରି ପାଇଁ ଦାଣ୍ଡିଆ ଉତ୍ସବ ଅନୁଷ୍ଠିତ ହୋଇଥିବାରୁ ଆୟୋଜକଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏଇ ମାଟିରେ ଅଭିନେତା ଅଜିତ ଦାସ, ସାଳିଲ ମିତ୍ର, କରୁଣା ଦାଶଙ୍କ ପରି ମହାନ୍ କଳାକାର ଜନ୍ମ ନେଇଛନ୍ତି। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବାରୁ କବିତା ଗ୍ରୁପକୁ ସାଧୁବାଦ ଦେଉଥିଲେ ଅତିଥି ବୃନ୍ଦ। ଗୁରୁ କବିତା ଦାସ, ତନୁଶ୍ରୀ ଦାସ, ଅନୁଦେବୀ, ରାଜନୀ ରାମ, ସବିତା ରାମ, ଜ୍ୟୋତି ବରାନୀ, ଅନୁ ରାମ, ଚନ୍ଦନ ରାମ, ଜ୍ୟୋତି ରାମ, ସଂଗୀ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଶିଶୁ କଳାକାର ଖୁସି ନାଏକ ଓ ତନୁଶ୍ରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଗୁରୁ କବିତା ଦାସ ଧନ୍ୟବାଦ ଦେଇଥିଲେ।

## ତାରିଣୀ ଗଣନାଟ୍ୟରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟକୁ ନେଇ ମାମଲା

**ହଳଦା, ୩୦।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ଅନ୍ତର୍ଗତ ବିଞ୍ଝିଆ ଗ୍ରାମରେ ତାରିଣୀ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ ହେଉଥିଲା। ହେଲେ ଯାତ୍ରାରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ତିରିଂ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତ ୨୩ ତାରିଖ ଦିନ ପ୍ରଦର୍ଶିତ ହୋଇଥିବା ଯାତ୍ରାରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯିବାକୁ ନେଇ ଆୟୋଜକଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଟିକଟ ମୂଲ୍ୟ ୪୦୦ ଟଙ୍କା ରଖାଯାଇଥିବା ବେଳେ ମହିଳାଙ୍କୁ ଯାତ୍ରା ଦେଖିବାକୁ ଅନୁମତି ଦିଆଯାଇ ନ ଥିଲା। ତେବେ ଏଥିରେ ନାବାଳକଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ବିଞ୍ଝିଆ ପରି ଏକ ସଭ୍ୟ ଗ୍ରାମରେ ଏପରି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଆୟୋଜକଙ୍କ ଏପରି ଔଧତ୍ୟକୁ ନେଇ ବିଭିନ୍ନ ମହଲରୁ ତିରିଂଥାନା ଅଧିକାରୀ ତଥା ଉପଖଣ୍ଡ ପୁଲିସ୍ ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କ ସହ ଯୋଗାଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିବେଦନ କରାଯାଇଥିଲା। ପରେ ଏନେଇ ତିରିଂ ଥାନାରେ ନିଶା ମହାରଣା, ତାରିଣୀ ଗଣନାଟ୍ୟ ଯାତ୍ରା ଦଳର ମାଲିକ, ମ୍ୟାନେଜର ତଥା ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ନେଇ ତିରିଂଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି। ଆୟୋଜକଙ୍କ ଏପରି କାର୍ଯ୍ୟକୁ ସବୁ ମହଲରୁ ନିନ୍ଦା କରାଯାଯାଇଛି।

## ଟାୱାରରୁ ଯନ୍ତ୍ରାଂଶ ଚୋରି; ୨ ଦୁର୍ବୃତ୍ତ ଗିରଫ

**ବାରିପଦା, ୩୦।୯ (ସମିସ):** ମୋବାଇଲ ଟାୱାରରୁ ଯନ୍ତ୍ରାଂଶ ଚୋରି କରିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଧରାପଡ଼ିଛନ୍ତି। ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ଟାୱାରରୁ ଯନ୍ତ୍ରାଂଶ ଚୋରି ନେଇ ବାରମ୍ବାର ଅଭିଯୋଗ ହେଉଛି। ବେଲଗଡ଼ିଆରେ ଥିବା ଏକ ମୋବାଇଲ ଟାୱାରରୁ ଦୁଇ ଜଣ ଦୁର୍ବୃତ୍ତ ଚୋରି କରୁଥିଲେ। ରାତିରେ ଅନ୍ଧାର ସୁଯୋଗ ନେଇ ଯନ୍ତ୍ରାଂଶ ଚୋରି କରୁଥିଲେ। ଏ ବାବଦରେ ସ୍ଥାନୀୟ ଲୋକମାନେ ଜାଣିବା ପରେ ଦୁଇ ଜଣକୁ ଧରି କାବୁ କରିଥିଲେ। ଦୁଇ ଜଣକ ପରିଚୟ ମିଳିନଥିବା ବେଳେ ପୁଲିସ ଜିମା ଦେଇଛନ୍ତି। ଚୋରି ନିମନ୍ତେ ମୋବାଇଲ ଟାୱାରରୁ ଯନ୍ତ୍ରାଂଶ କାଟି ଥିବା ବେଳେ ସେନେଇ ପରିଚାଳନା ସଂସ୍ଥାକୁ ମଧ୍ୟ ଜଣାଯାଇଥିଲା। ଲକ୍ଷାଧିକ ଟଙ୍କାର ଟାୱାରର ଯନ୍ତ୍ରାଂଶ ଚୋରି କରିବାକୁ ଉଦ୍ୟମ କରୁଥିବା ନେଇ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରଖିଛି।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ

# ଭାରତର ସମ୍ମାନ ରଖିଲେ ଦୀପ୍ତି, ଅମନଜୋତ୍

ଗୌହାଟୀ, ୩୦।୯ (ଏଜେନ୍ସି)


ଅମନଜୋତ୍ କୌର

ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ମଙ୍ଗଳବାର ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଆୟୋଜକ ଦଳ ଭାରତ ଓ ଶ୍ରୀଲଙ୍କା ଉଦ୍‌ଘାଟନୀ ମୁକାବିଲାରେ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ବର୍ଷା ବାଧାପ୍ରାପ୍ତ ୪୭ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଭାରତ ୮ ୱିକେଟ୍‌ରେ ୨୬୯ ରନ କରିଥିଲା। ମ୍ୟାଚ୍ ମଝିରେ ବର୍ଷା ହୋଇଥିବାରୁ ଡିଏଲ୍ ପଦ୍ଧତିରେ ଶ୍ରୀଲଙ୍କା ସାମ୍ନାରେ ପୁନଃନିର୍ଦ୍ଧାରିତ ଲକ୍ଷ୍ୟ ୨୭୧ ରନ ଧାର୍ଯ୍ୟ କରାଯାଇଛି। ଏହାକୁ ପିଛା କରିଥିବା ଶ୍ରୀଲଙ୍କା ଦଳ ଶେଷ ଖବର ସୁଦ୍ଧା ୬.୪ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୦ ରନ ସଂଗ୍ରହ କରିଛି।

ଏହି ଉଦ୍‌ଘାଟନୀ ଲଢ଼େଇରେ ଟସ୍ ଜିତି ଶ୍ରୀଲଙ୍କା ଅଧିନାୟିକା ଚମାରି ଆଟ୍ଟାପାଟୁ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୪ର୍ଥ ଓଭରରେ ଇନଫର୍ମ ଓପନର୍ ତଥା ତାରକା ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ୱିକେଟ୍ ହରାଇଥିଲା। ମନ୍ଧାନା ୮ ରନ କରି ଉଦେଶିକା ପ୍ରବୋଧିନୀଙ୍କ ବଲରେ ଆଉଟ୍ ହୋଇଥିଲେ। ପରେ ଅନ୍ୟତମ ଓପନର ପ୍ରତୀକା ରାୱଲଙ୍କ ସହ ମିଶି ହର୍ଲିନ ଦେଓଲ ଦଳର ସ୍ଥିତି ସମ୍ଭାଳିଥିଲେ। ଦ୍ୱିତୀୟ ୱିକେଟ୍‌ରେ ଉଭୟଙ୍କ ମଧ୍ୟରେ ୬୭ ରନର ଭାଗୀଦାରି ହୋଇଥିଲା। ତେବେ ପ୍ରତୀକା ୩୭ ରନ କରି ଆଉଟ୍ ହେବାପରେ ଭାରତର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ବାମହାତୀ ସ୍ପିନର ଇନୋକା ରଣୱିରା ଏହି ଯୋଡ଼ି ଭାଙ୍ଗିଥିଲେ। ପରବର୍ତ୍ତୀ ସମୟରେ ହର୍ଲିନ (୪୮ ରନ), ଜେମିମା ରୋଡ୍ରିଗ୍ସ (୦), ଅଧିନାୟିକା ହରମନପ୍ରୀତ୍ କୌର (୨୧ ରନ)ଙ୍କୁ ଆଉଟ୍ କରି ଇନୋକା ଭାରତକୁ ବ୍ୟାକଫୁଟ୍‌କୁ ଠେଲିଦେଇଥିଲେ। ୱିକେଟ୍‌ରକ୍ଷକ ରିଚା ଘୋଷ ମଧ୍ୟ ୨ ରନ କରି ଆଉଟ୍ ହୋଇଥିଲେ। ଫଳରେ ଭାରତ ୧୨୪ ରନରେ ୬ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଏହି ସମୟରେ ଅଭିଜ୍ଞ ଦୀପ୍ତି ଶର୍ମା ଓ ଯୁବ ଅଲ୍‌ରାଉଣ୍ଡର ଅମନଜୋତ୍ କୌର ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳି ଦଳୀୟ ସ୍କୋରକୁ ୨୦୦ ରନ ପାର୍ କରାଇବାରେ ସହାୟତା କରିଥିଲେ। ଦୀପ୍ତି ୫୩ ବଲରେ ୫୩ ରନ କରି ୧୬ତମ ଦିନିକିଆ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିଭଳି ଅମନଜୋତ୍ ୫ ଚୌକା ଓ ୧ ଛକା ବଲରେ ୫୬ ବଲରୁ ୫୭ ରନ କରିଥିଲେ। ଏହା ତାଙ୍କର ପ୍ରଥମ ଅର୍ଦ୍ଧଶତକ ଥିଲା। ସ୍ନେହ ରାଣା ଶେଷ ଭାଗରେ ୧୫ ବଲରେ ଅପରାଜିତ ୨୮ ରନ କରିବାରୁ ଦଳର ସ୍କୋର ୮ ୱିକେଟ୍‌ରେ ୨୬୯ ରନ ହୋଇଥିଲା। ଶ୍ରୀଲଙ୍କା ପାଇଁ ଇନୋକା ୪ଟି ଓ ପ୍ରବୋଧିନୀ ୨ଟି ୱିକେଟ୍ ପାଇଥିଲେ।

### ଜୁବୀନ ଗର୍ଗଙ୍କୁ ଦିଆଗଲା ଶ୍ରଦ୍ଧାଞ୍ଜଳି

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଆସାମର ମହାନ କଣ୍ଠଶିଳ୍ପୀ ତଥା ନିକଟରେ ଇହଲୀଳା ସମ୍ବରଣ କରିଥିବା ଜୁବୀନ ଗର୍ଗଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଜଣାଶୁଣା କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଜୁବୀନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ।

### ସମସ୍ତ ଭାରତୀୟ ଅଧିନାୟିକା ସମ୍ବର୍ଦ୍ଧିତ



ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏକ ନିଆରା ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଇତିହାସର ସମସ୍ତ ଅଧିନାୟିକାଙ୍କୁ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ୧୯୭୫ରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଖେଳି ଆସିଥିବା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରୁ ବର୍ତ୍ତମାନ ପର୍ଯ୍ୟନ୍ତ ନେତୃତ୍ୱ ନେଇଥିବା ସମସ୍ତ ଅଧିନାୟିକା ଏହି ଅବସରରେ ଉପସ୍ଥିତ ରହିଥିଲେ। ଯେଉଁମାନଙ୍କ ମଧ୍ୟରେ ଶାନ୍ତା ରଙ୍ଗାସ୍ୱାମୀ, ଡାଏନା ଏଡୁଲଜୀ, ପ୍ରମିଳା ଭଟ୍ଟ, ସୌଭାଗିନୀ କୁଲକର୍ଣ୍ଣୀ, ସନ୍ଧ୍ୟା ଅଗରୱାଲ, ନୀତୁ ଡେଭିଡ୍ ଓ ମିତାଲି ରାଜ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ବିସିସିଆଇର ସଭାପତି ମିଥୁନ ମାନହାସ ଉପସ୍ଥିତ ଥିଲେ।


## ପୁରସ୍କାର ଉତ୍ସବରେ ମୁଁ କାର୍ଟୁନ୍ ପରି ଛିଡ଼ା ହୋଇଥିଲି: ନକଭୀ

ଦୁବାଇ, ୩୦।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଟ୍ରଫି ଦିଆ ନ ଯିବାକୁ ନେଇ ବିବାଦ ଘନେଇବାରେ ଲାଗିଛି। ଏସିଆନ କ୍ରିକେଟ୍ ପରିଷଦ (ଏସିସି)ର ମୁଖ୍ୟ ଥିବା ପାକିସ୍ତାନର ମୋହସୀନ ନକଭୀଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ଫଳରେ ନକଭୀ ଶେଷରେ ଏସିଆ କପ୍ ଟ୍ରଫି ଓ ଭାରତୀୟ ଖେଳାଳିଙ୍କ ପଦକ ନେଇ ହୋଟେଲକୁ ଚାଲିଯାଇଥିଲେ। ଏହାକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପତ୍ତି ଉଠାଇଥିଲା। ଏନେଇ ମଙ୍ଗଳବାର ଦୁବାଇରେ ଏସିସି ବୈଠକ ବସିଥିବାବେଳେ ଏଥିରେ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଳା ଜୋର୍‌ଦାର ବିରୋଧ କରିଥିଲେ। ଏସିଆ କପ୍ ଟ୍ରଫି କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ଯେ ସାଙ୍ଗରେ ନେଇ ପଳାଇବ ବୋଲି ରାଜୀବ ରୋକଠୋକ ନକଭୀଙ୍କୁ ଶୁଣାଇଦେଇଥିଲେ। ରାଜୀବ କହିଥିଲେ, 'ଏହା ଏସିସି ଟ୍ରଫି, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଟ୍ରଫିକୁ ବିଜେତା ଦଳକୁ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯିବାର ଥିଲା।' ଏଥିରେ ନକଭୀ ସଫେଇ ଦେଇ କହିଥିଲେ, 'କୌଣସି କାରଣ ନ ଥାଇ ମୁଁ ଷ୍ଟେଜ ଉପରେ କାର୍ଟୁନ ପରି ଛିଡ଼ା ହୋଇରହିଥିଲି। ଭାରତୀୟ ଦଳ ମୋ ହାତରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ଏସିସିକୁ ଲିଖିତ ଭାବେ କୌଣସି ସ୍ଥାନରେ ଜଣାଇ ନ ଥିଲା।' ଏହାପରେ ରାଜୀବଙ୍କ କଡ଼ା ପ୍ରଶ୍ନକୁ ସାମ୍ନା କରି ନ ପାରି ନକଭୀ ଏ ପ୍ରସଙ୍ଗରେ ଏବେ ନୁହେଁ ପରେ ଆଲୋଚନା କରିବା କହି ଏଡ଼ାଇ ଯାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଖେଳାଳି ମଙ୍ଗଳବାର ୟୁଏଇରୁ ବିନା ଟ୍ରଫିରେ ସ୍ୱଦେଶ ଫେରିଛି।

■ ବିଶ୍ୱ ପାରା ଆଥ୍‌ଲେଟିକ୍ସ

## ଜାଭେଲିନରେ ସନ୍ଦୀପଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍



ଭାରତୀୟ ଖେଳାଳିଙ୍କ ପଦକ ବିଜୟ ଧାରା ଜାରି ରହିଛି। ମଙ୍ଗଳବାର ଭାରତୀୟ ଆଥ୍‌ଲେଟ୍ ୩ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ପୁରୁଷ ଜାଭେଲିନ ଥ୍ରୋ ଏଫ୍-୪୪ ବର୍ଗରେ ଭାରତର ସନ୍ଦିପ ସଞ୍ଜୟ ସାଗର ଓ ସନ୍ଦୀପ ଚୌଧୁରୀ ଯଥାକ୍ରମେ ପୋଡିୟମର ପ୍ରଥମ ଦୁଇଟି ସ୍ଥାନରେ ରହି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ସାଗର ୬୨.୮୨ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ସନ୍ଦୀପ ୬୨.୬୭ ମିଟର ସହ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ। ଅପରପକ୍ଷରେ ପୁରୁଷ ଡିସକସ୍ ଥ୍ରୋ ଏଫ୍-୫୬ ବର୍ଗରେ ଯୋଗେଶ କାଥୁନିୟା ରୌପ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି।

## ହକି କିମ୍ବଦନ୍ତୀ ଶାହିଦଙ୍କ ଘର ଭାଙ୍ଗିଲା ପ୍ରଶାସନ

ବାରଣାସୀ, ୩୦।୯ (ଏଜେନ୍ସି): ଭାରତୀୟ ହକି ଦଳର ପୂର୍ବତନ କିମ୍ବଦନ୍ତୀ ଖେଳାଳି ତଥା ପଦ୍ମଶ୍ରୀ ମହମ୍ମଦ ଶାହିଦ୍‌ଙ୍କ ଘରକୁ ଉତ୍ତର ପ୍ରଦେଶ ସରକାର ଭାଙ୍ଗିଦେଇଛି। ରାସ୍ତା ପ୍ରଶସ୍ତିକରଣ ଲାଗି ବୁଲଡୋଜର ସହାୟତାରେ ଘରର କିଛି ଅଂଶକୁ ଭଙ୍ଗାଯାଇଛି। ଶାହିଦଙ୍କ ଘର ବାରଣାସୀର କଚେରୀରୁ ସନ୍ଧହାରା ରାସ୍ତାରେ ଅବସ୍ଥିତ। ଏହି ଘଟଣାରେ ଶାହିଦଙ୍କ ଭଉଣୀ ନାଜନୀନ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିବା ସହ ତାଙ୍କୁ କ୍ଷତିପୂରଣ ମିଳି ନ ଥିବା ଏବଂ ତାଙ୍କର ଆଉ କୌଣସି ବିକଳ୍ପ ବାସସ୍ଥାନ ନ ଥିବା କହିଛନ୍ତି। ତେବେ ବାରଣାସୀ ଏଡିଏମ୍ ଆଲୋକ ବର୍ମା କହିଛନ୍ତି, 'ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପରେ କେବଳ ସେହି ସମ୍ପତ୍ତିଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହାର ପୂର୍ବରୁ କ୍ଷତିପୂରଣ ପ୍ରଦାନ ଦିଆଯାଇଛି। ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଲାଗି ଆଧାର ଓ ଆକାଉଣ୍ଟ ବିବରଣୀ ମଗାଯାଇଥିଲା। କିନ୍ତୁ ସେମାନେ ଡକ୍ୟୁମେଣ୍ଟ ପ୍ରଦାନ କରିବାରେ ବିଫଳ ହୋଇଥିଲେ।' ଅପରପକ୍ଷରେ ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଜଣେ କିମ୍ବଦନ୍ତୀ ଖେଳାଳିଙ୍କ ଘର ଭାଙ୍ଗିବା ଘଟଣାକୁ ନିନ୍ଦା କରିଛନ୍ତି।

● ହାସିନାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପଡ଼ିଲା ମହଙ୍ଗା

## ଆଉ ବାଂଲାଦେଶ ପାଇଁ ଖେଳିପାରିବେନି ଶାକିବ



ଢାକା, ୩୦।୯ (ଏଜେନ୍ସି): ଅଭିଜ୍ଞ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ଆଉ ବାଂଲାଦେଶ କ୍ରିକେଟ୍ ଦଳ ପାଇଁ ଖେଳିପାରିବେ ନାହିଁ। ବର୍ତ୍ତମାନ ବାଂଲାଦେଶ ଅନ୍ତରୀଣ ସରକାରରେ କ୍ରୀଡ଼ା ପରାମର୍ଶଦାତା ଆସିଫ୍ ମହମ୍ମଦ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ବାଂଲାଦେଶରୁ ପଳାୟନ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ୍ ମୁଖ୍ୟ ଶେଖ୍ ହାସିନାଙ୍କୁ ଶାକିବ ନିକଟରେ ଫେସବୁକ୍ ଜରିଆରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଶୁଭେଚ୍ଛା ହିଁ ୩୮ ବର୍ଷୀୟ ଶାକିବଙ୍କୁ ମହଙ୍ଗା ପଡ଼ିଛି। ହାସିନା ସରକାରରେ ଶାକିବ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ହାସିନା ସରକାର ଭାଙ୍ଗିବା ପରଠାରୁ ଶାକିବ ଗତ ୧୨ ମାସ ହେବ ଆଉ ବାଂଲାଦେଶ ଆସିନାହାନ୍ତି। ସେହିଭଳି ତାଙ୍କୁ ମଧ୍ୟ ଜାତୀୟ ଦଳ ପାଇଁ ଚୟନ କରାଯାଉ ନ ଥିଲା। ଶାକିବ ଏବେ ୟୁଏଇରେ ରହୁଥିବାବେଳେ ବିଭିନ୍ନ ଦେଶରେ ଅନୁଷ୍ଠିତ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଖେଳୁଛନ୍ତି। ହାସିନାଙ୍କୁ ଶାକିବ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପରେ ଢାକାର ଏକ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ବାଂଲାଦେଶ କ୍ରୀଡ଼ା ପରାମର୍ଶଦାତା ଆସିଫ୍ କହିଛନ୍ତି, 'ଆମେ ତାଙ୍କୁ ବାଂଲାଦେଶ ପତାକା ବହନ କରିବାକୁ ଦେଇପାରିବୁ ନାହିଁ। ତାଙ୍କୁ ବାଂଲାଦେଶ ଜର୍ସି ପିନ୍ଧିବାକୁ ଅନୁମତି ଦେବା ମୋ ପାଇଁ ସମ୍ଭବ ହେବ ନାହିଁ। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ମୁଁ ପୂର୍ବରୁ କିଛି କହି ନ ଥିଲି। କିନ୍ତୁ ଏବେ ବିସିବି ପାଇଁ ମୋର ସ୍ପଷ୍ଟ ନିର୍ଦ୍ଦେଶ ହେବ ଯେ ଶାକିବ ଆଉ କେବେ ବାଂଲାଦେଶ ପାଇଁ ଖେଳିପାରିବେ ନାହିଁ।' ଉଲ୍ଲେଖଯୋଗ୍ୟ, ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ବାଂଲାଦେଶ ପାଇଁ ୭୧ ଟେଷ୍ଟ, ୨୪୭ ଦିନିକିଆ ଓ ୧୨୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ଯଥାକ୍ରମେ ୪୬୦୯, ୭୫୭୦ ଓ ୨୫୫୧ ରନ ସଂଗ୍ରହ କରିଛନ୍ତି। ସେହିଭଳି ଟେଷ୍ଟରେ ୨୪୬, ଦିନିକିଆରେ ୩୧୭ ଓ ଟି-୨୦ରେ ୧୪୯ ୱିକେଟ୍ ତାଙ୍କ ନାମରେ ଲିପିବଦ୍ଧ ରହିଛି।

## ନେପାଳର ଐତିହାସିକ ସିରିଜ୍ ବିଜୟ

ଶାରଜା, ୩୦।୯ (ଏଜେନ୍ସି): ନେପାଳ କ୍ରିକେଟ୍ ଦଳ ଐତିହାସିକ ସିରିଜ ବିଜୟ ହାସଲ କରିଛି। ସୋମବାର ଏଠାରେ ଖେଳାଯାଇଥିବା ୨ୟ ଟି-୨୦ ମ୍ୟାଚରେ ନେପାଳ ୯୦ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସିରିଜର ପ୍ରଥମ ମ୍ୟାଚରେ ମଧ୍ୟ ନେପାଳ ୧୯ ରନରେ ଜିତିଥିଲା। ଏଥିସହ ନେପାଳ ୨-୦ରେ ଆଗୁଆ ସିରିଜ କବଜା କରିନେଇଛି। ଫଳରେ ନେପାଳ ଏହାର କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଏକ ଟେଷ୍ଟ ମାନ୍ୟତା ପାଇଥିବା ଦେଶ ବିପକ୍ଷରେ କୌଣସି ସିରିଜ ଜିତିବାର ଐତିହାସିକ ସଫଳତା ପାଇଛି। ସିରିଜର ଶେଷ ମ୍ୟାଚ୍ ମଙ୍ଗଳବାର ଖେଳାଯାଉଛି। ସୋମବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ନେପାଳ ୱିକେଟ୍‌କିପର ଆସିଫ୍ ସେଖ୍ (୬୮) ଓ ସନ୍ଦୀପ ଜୋରା (୬୩)ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍‌ରେ ୧୭୩ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ୱେଷ୍ଟଇଣ୍ଡିଜ ଅଧିନାୟକ ଅକିଲା ହୋସେନ ଓ କାଏଲ୍ ମାୟର୍ସ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୭.୧ ଓଭରରେ ୮୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜାସନ ହୋଲ୍ଡର ସର୍ବାଧିକ ୨୧ ରନ କରିଥିଲେ। ବିଜୟୀ ନେପାଳ ଦଳର ମହମ୍ମଦ ଆଦିଲ ଆଲାମଙ୍କୁ ୪ ଓ କୁଶଳ ଭୁର୍ତେଲଙ୍କୁ ୩ଟି ୱିକେଟ ମିଳିଥିଲା।

## ଜାପାନ ଓପନରେ ବୋପନ୍ନା ରନର୍ସଅପ୍

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଭେଟେରାନ ଭାରତୀୟ ଟେନିସ ଖେଳାଳି ରୋହନ ବୋପନ୍ନା ଜାପାନ ଓପନରେ ରନର୍ସଅପ୍ ହୋଇଛନ୍ତି। ଜାପାନର ତାକେରୁ ୟୁଜୁକିଙ୍କୁ ସାଥୀ କରି ପୁରୁଷ ଡବଲ୍ସ ଖେଳିଥିବା ବୋପନ୍ନା ଫାଇନାଲରେ ୫-୭, ୫-୭ ସିଧାସଳଖ ସେଟ୍‌ରେ ମୋନାକୋ-ଫ୍ରାନ୍ସ ଯୋଡ଼ି ହୁଗୋ ନ୍ୟାସ ଓ ଏଡୁରାଡୋ ଭାସେଲିନଙ୍କ ନିକଟରୁ ପରାସ୍ତ ହୋଇଥିଲେ। ୪୫ ବର୍ଷୀୟ ବୋପନ୍ନା ଏଠାରେ ଫାଇନାଲରେ ପ୍ରବେଶ ସହ ଓପନ୍ ଏରାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ କୌଣସି ଏଟିପି ମାଷ୍ଟର୍ସ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

## ଓଡ଼ିଶା ପେଙ୍କାକ ସିଲାଟ୍ ଦଳକୁ ୨୧ ସ୍ୱର୍ଣ୍ଣ



ଭୁବନେଶ୍ୱର, ୩୦।୯ (ସମିସ)

ଜାତୀୟ ଜୁନିଅର ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ର ତ୍ରୟୋଦଶ ସଂସ୍କରଣ କର୍ଣ୍ଣାଟକର କୋପ୍ପାଲ ଜିଲ୍ଲାସ୍ଥିତ ଖେଲୋ ଇଣ୍ଡିଆ ଏକ୍ସଲେନ୍ସ ସେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ମୋଟ୍ ୪୮ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨୧ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୭ଟି କାଂସ୍ୟ ପଦକ ରହିଛି। ଓଡ଼ିଶାର ୬୦ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିବାବେଳେ ରାହୁଲ ସା ଓ ପ୍ରକାଶ ବେହେରା ଦଳର ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ପେଙ୍କାକ୍ ସିଲାଟ ସଂଘ ସଭାପତି ତାପସ କୁମାର ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ ଓପନ୍ ଆଥଲେଟିକ୍ସରେ ଓଡ଼ିଶାକୁ ୪ ପଦକ

କଟକ,୩୦।୯ (ସମିସ): ରାଞ୍ଚିରେ ଆୟୋଜିତ ୬୪ତମ ଓପନ୍ ଆଥଲେଟିକ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୪ଟି ପଦକ ଜିତିଛି।



ମଙ୍ଗଳବାର ଶେଷ ଦିନରେ ମହିଳା ହାମର ଥ୍ରୋରେ ଦିବ୍ୟା ସାନ୍ଧିଲ୍ୟା ରୌପ୍ୟ ପଦକ ଜିତିଥିଲେ। ପ୍ରକାଶଯୋଗ୍ୟ, ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ୪୦୦ମିଟର ରିଲେରେ ଓଡ଼ିଆ ପ୍ରତିଯୋଗୀ କାଂସ୍ୟ ଜିତିଥିଲେ। ହାଇଜମ୍ପରେ କାଂସ୍ୟ ପଦକ ଜିତିଥିଲେ ସ୍ୱାଧୀ କୁମାର ମାଝୀ। ପୁରୁଷ ଲଙ୍ଗଜମ୍ପରେ ସରୁଣ ପାୟାସିଂହ ରୌପ୍ୟ ବିଜୟୀ ହୋଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS